ସାପ୍ତାହିକ
ସ୍ୱୀକାର
Postal Regd. No.: SBP/RN-01/2022-2024
The Sweekar स्वीकार
www.sweekarweekly.com
ପ୍ରତିଷ୍ଠାତା ସମ୍ପାଦକ : ଏ ଶରତ ନାରାୟଣ ବେହେରା
RNI No. 66443/94
Vol.28 | Issue - 20 | 19 - 25 May 2024 | Sambalpur | Pages- 8 | Invitation Price Rs.10

# ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନିଜସ୍ୱ ଘର କି ଜମି ନାହିଁ

ନୂଆଦିଲ୍ଲୀ : ୧୩ ବର୍ଷ କାଳ ଗୁଜରାଟରେ ମୁଖ୍ୟମନ୍ତ୍ରୀ ଏବଂ ୧୦ ବର୍ଷ ଦେଶର ପ୍ରଧାନମନ୍ତ୍ରୀ ରହିଥିବା ନରେନ୍ଦ୍ର ମୋଦିଙ୍କ ପାଖରେ ନିଜସ୍ୱ ଘର, ଜମି କିମ୍ବା କାର୍ ନାହିଁ । ତାଙ୍କ ପାଖରେ ଥିବା ଏକମାତ୍ର ପ୍ଲଟ୍‌କୁ ବି ସେ ଦାନକରି ଦେଇଛନ୍ତି । ତେବେ ଗତ ୧୭ ବର୍ଷ ମଧ୍ୟରେ ମୋଦିଙ୍କ ଅସ୍ଥାବର ସମ୍ପତ୍ତି ମୂଲ୍ୟରେ ୨୫ ଗୁଣା ବୃଦ୍ଧି ହୋଇଥିବା ବେଳେ ବ୍ୟାଙ୍କ ବାଲାନ୍ସ ୩୩ ଗୁଣା ବୃଦ୍ଧି ପାଇଛି । ପ୍ରଧାନମନ୍ତ୍ରୀ ବାରାଣସୀ ଲୋକସଭା ଆସନ ପାଇଁ ତୃତୀୟ ଥର ନିମନ୍ତେ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି । ଏହି ସମୟରେ ସେ ଦାଖଲ କରିଥିବା ସତ୍ୟପାଠ ଏବଂ ପୂର୍ବ ସତ୍ୟପାଠର ବିଶ୍ଳେଷଣରୁ ଏହି ତଥ୍ୟ ମିଳିଛି ।

ଗୁଜରାଟର ମୁଖ୍ୟମନ୍ତ୍ରୀ ହେବା ପରେ ନରେନ୍ଦ୍ର ମୋଦି ୨୦୦୨ରେ ପ୍ରଥମ ଥର ପାଇଁ ବିଧାନସଭା ନିର୍ବାଚନ ଲଢ଼ିଥିଲେ । ଏହାପରେ ୨୦୦୭ ଓ ୨୦୧୨ରେ ମଣିନଗରରୁ ବିଧାନସଭା ନିର୍ବାଚନ ଲଢ଼ି ଜିତିଥିଲେ । ଏହାପରେ ୨୦୧୪ ଓ ୨୦୧୯ରେ ଉତ୍ତର ପ୍ରଦେଶର ବାରାଣସୀରୁ ଲୋକସଭା ନିର୍ବାଚନରେ ବିଜୟ ହାସଲ କରିଥିଲେ । ୨୦୦୭ରୁ ୨୦୨୪ ପର୍ଯ୍ୟନ୍ତ ମୋଦି ଦାଖଲ କରିଥିବା ସତ୍ୟପାଠରୁ ଅନେକ



ରୋଚକ ତଥ୍ୟ ସାମ୍ନାକୁ ଆସିଛି ।

ରିପୋର୍ଟ ମୁତାବକ ଗତ ୫ ବର୍ଷରେ ମୋଦି ୮୪ ଲକ୍ଷ ଟଙ୍କା ଆୟ କରିଛନ୍ତି । ୨୦୧୮-୧୯ରେ ତାଙ୍କ ଆୟ ୧୧.୧୪ ଲକ୍ଷ ଟଙ୍କା ଥିଲା ବେଳେ ୨୦୧୯-୨୦ରେ ୧୭.୨୧ ଲକ୍ଷ, ୨୦୨୦-୨୧ରେ ୧୭.୦୮ ଲକ୍ଷ, ୨୦୨୧-୨୨ରେ ୧୫.୪୨ ଲକ୍ଷ ଓ ୨୦୨୨-୨୩ରେ ୨୩.୫୭ ଲକ୍ଷ ଟଙ୍କା ରହିଥିଲା । ଏହାର ଅର୍ଥ ୨୦୧୮-୧୯ ତୁଳନାରେ ୨୦୨୨-୨୩ରେ ପ୍ରଧାନମନ୍ତ୍ରୀ ମୋଦିଙ୍କ ଆୟ ଦୁଇଗୁଣା ହୋଇଛି । ପ୍ରଧାନମନ୍ତ୍ରୀ ଭାବେ ମିଳୁଥିବା ଦରମା ଏବଂ ବ୍ୟାଙ୍କ ସୁଧ ହିଁ ତାଙ୍କ ଆୟର ଉତ୍ସ ।

ପ୍ରଧାନମନ୍ତ୍ରୀଙ୍କ ମୋଟ ସମ୍ପତ୍ତିର ମୂଲ୍ୟ ୩ କୋଟି ୨ ଲକ୍ଷ ୬ ହଜାର ୮୮୯ ଟଙ୍କା । ୫ ବର୍ଷ ମଧ୍ୟରେ ଏହାର ମୂଲ୍ୟ ୮୭ ଲକ୍ଷ ଟଙ୍କା ବଢ଼ିଛି । ସେହିଭଳି ଗତ ୫ ବର୍ଷରେ ତାଙ୍କର ଅସ୍ଥାବର ସମ୍ପତ୍ତି ମୂଲ୍ୟ ପ୍ରାୟ ଦୁଇଗୁଣା ବୃଦ୍ଧି ପାଇଛି । ୨୦୧୯ରେ ତାଙ୍କର ଅସ୍ଥାବର ସମ୍ପତ୍ତିର ମୂଲ୍ୟ ୧.୪୧ କୋଟି ଟଙ୍କା ଥିଲା । ସେହିଭଳି ୨୦୧୪ରେ ଏହା ୧ କୋଟି, ୨୦୧୨ରେ ୧ କୋଟି ଓ ୨୦୦୭ରେ ୩୦ ଲକ୍ଷ ଟଙ୍କା ଥିଲା । ତାଙ୍କ ପାଖରେ ଏବେ ୫୨ ହଜାର ୯୨୦ ଟଙ୍କା ନଗଦ ରହିଥିବା ସେ ଦର୍ଶାଇଛନ୍ତି ।

୨୦୨୪ର ନିଜ ସତ୍ୟପାଠରେ ମୋଦି ଗୁଜରାଟସ୍ଥିତ ଗାନ୍ଧୀନଗରରେ ଥିବା ତାଙ୍କ ପ୍ଲଟ୍ କଥା ଉଲ୍ଲେଖ କରିନାହାନ୍ତି । ୨୦୧୯ରେ ଆବାସିକ ଜମି ତଥ୍ୟ ଦେଇଥିଲେ । ମୋଦି ଏହି ପ୍ଲଟ୍‌କୁ ମାନମନ୍ଦିର ଫାଉଣ୍ଡେସନକୁ ଦାନ କରି ଦେଇଛନ୍ତି । ଯେଉଁଠାରେ ନାଦ ବ୍ରହ୍ମ କଳାକେନ୍ଦ୍ର ସ୍ଥାପନ ହୋଇଛି । ୨୦୨୨ ମାର୍ଚ୍ଚ ୩୧ରେ ମୋଦିଙ୍କ ଆୟକର ଟିକସ ରିଟର୍ନ ଫାଇଲିଂ ବେଳେ ଏହାର ତଥ୍ୟ ଦିଆଯାଇ ନ ଥିଲା । ପରେ ମୋଦି ଏକ ସାକ୍ଷାତକାର ବେଳେ ଉକ୍ତ ପ୍ଲଟକୁ ଦାନ କରିଦେଇଥିବା ଖୁଲାସା କରିଥିଲେ । ୨୦୦୨ରେ ମୋଦି ଗୁଜରାଟର ମୁଖ୍ୟମନ୍ତ୍ରୀ ହେବା ପରେ ପ୍ରାୟ ୧.୩୧ ଲକ୍ଷ ଟଙ୍କାର ଉକ୍ତ ପ୍ଲଟ୍ କିଣିଥିଲେ । ଏହାର ଏକଚତୁର୍ଥାଂଶ ଭାଗର ସେ ମାଲିକ ଥିଲେ । ୨୦୧୯ରେ ଏହି ପ୍ଲଟର ବଜାର ମୂଲ୍ୟ ୧.୧୦ କୋଟି ଟଙ୍କା ଥିଲା ।

୨୦୧୪ରେ ୧.୬୬ କୋଟି ଏବଂ ୨୦୧୯ରେ ୨.୫୧ କୋଟି ଟଙ୍କାର ସମ୍ପତ୍ତି ଥିବା ନେଇ ମୋଦି ସତ୍ୟପାଠରେ ଜଣାଇଥିଲେ ମୋଦି । ଏବେ ମୋଦିଙ୍କ ପାଖରେ ୨.୬୭ ଲକ୍ଷ ଟଙ୍କାର ସୁନା ରହିଛି । ନ୍ୟାସନାଲ ସେଭିଂସ ସର୍ଟିଫିକେଟରେ ତାଙ୍କର ୯.୧୨ ଲକ୍ଷ ଟଙ୍କାର ନିବେଶ ଅଛି । ସେହିଭଳି ତାଙ୍କର ୨.୮୫ କୋଟି ଟଙ୍କାର ସ୍ଥାୟୀ ଜମା ବି ରହିଛି । ତାଙ୍କର କୌଣସି ଜମି ନାହିଁ । ସେୟାର ମାର୍କେଟ୍ ଓ ମ୍ୟୁଚୁଆଲ୍ ଫଣ୍ଡରେ ତାଙ୍କର ନିବେଶ ନାହିଁ ।

## ରାସେଶ୍ୱରୀଙ୍କୁ ଭେଟିଲେ ଧର୍ମେନ୍ଦ୍ରଙ୍କ ପତ୍ନୀ

ସମ୍ବଲପୁର: କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଧର୍ମପତ୍ନୀ ମୃଦୁଳା ଠାକୁର ପୂର୍ବତନ ବିଧାୟିକା ଡାକ୍ତର ରାସେଶ୍ୱରୀ ପାଣିଗ୍ରାହୀଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରି ସମ୍ବଲପୁର ଲୋକସଭା ଆସନରୁ



ବିଜେପି ପ୍ରାର୍ଥୀ ରୂପେ ପ୍ରତିଦ୍ୱନ୍ଦିତା କରୁଥିବା ତାଙ୍କ ସ୍ୱାମୀ ଧର୍ମେନ୍ଦ୍ରଙ୍କୁ ସମର୍ଥନ କରିବା ପାଇଁ ଅନୁରୋଧ କରିଛନ୍ତି । ଉଲ୍ଲେଖଯୋଗ୍ୟ ଯେ, ସମ୍ବଲପୁର ବିଧାନସଭା ଆସନରୁ ବିଜେଡି ରୋହିତ ପୂଜାରୀଙ୍କୁ ପ୍ରାର୍ଥୀ କରିବା ପରେ ରାସେଶ୍ୱରୀ ଦଳରୁ ଇସ୍ତଫା ଦେଇଥିଲେ । ଏହା ପରେ ପରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ତାଙ୍କୁ ସାକ୍ଷାତ କରି ଆଶିର୍ବାଦ ଭିକ୍ଷା କରିଥିଲେ । ସେହିପରି ସମ୍ବଲପୁର ବିଧାନସଭା ଆସନରୁ ବିଜେପି ପକ୍ଷରୁ ପ୍ରତିଦ୍ୱନ୍ଦିତା କରୁଥିବା ପୂର୍ବତନ ମନ୍ତ୍ରୀ ଜୟନାରାୟଣ ମିଶ୍ର ମଧ ଡାକ୍ତର ପାଣିଗ୍ରାହୀଙ୍କୁ ସାକ୍ଷାତ କରିଥିଲେ ।

## ବିରୋଧୀ କୁମ୍ଭୀର କାନ୍ଦଣା କାନ୍ଦି ମିଛ କହୁଛନ୍ତି: ନବୀନ ପଟ୍ଟନାୟକ

ସମ୍ବଲପୁର: ନିର୍ବାଚନ ବେଳେ ଓଡ଼ିଶା ମୁହାଁ ହୋଇଥିବା ବିରୋଧୀ 'ନିର୍ବାଚନ ଟୁରିଷ୍ଟ' ବୋଲି ଆକ୍ଷେପ କରିବା ସହ ସେମାନେ ମିଛ କହୁଛନ୍ତି ଓ କୁମ୍ଭୀର କାନ୍ଦଣା କାନ୍ଦୁଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି ।

ସ୍ଥାନୀୟ ଅଇଁଠାପାଲି ସ୍ଥିତ ପିଏଚ୍‌ଡି ପଡିଆରେ ଆୟୋଜିତ ନିର୍ବାଚନୀ ସଭାରେ ଉଦ୍‌ବୋଧନ ଦେଇ ଶ୍ରୀ ପଟ୍ଟନାୟକ ବିରୋଧୀଙ୍କୁ ତୀବ୍ର ସମାଲୋଚନା କରି କହିଥିଲେ ଯେ, ସେମାନେ କେବଳ ଆପଣମାନଙ୍କ ଭୋଟ ଚାହାନ୍ତି, ମାତ୍ର ଆମେ ଆପଣମାନଙ୍କ କଲ୍ୟାଣ ଚାହୁଁ । ଆସନ୍ତା ଜୁଲାଇ ମାସରୁ ରାଜ୍ୟର ୯୦% ପ୍ରତିଶତ ପରିବାରକୁ ମାଗଣାରେ ବିଜୁଳି ମିଳିବ ଓ ସମସ୍ତଙ୍କୁ ବିଏସ୍ୱାଇରେ ସାମିଲ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା ସହ ମିଶନଶକ୍ତିର ମା' ମାନଙ୍କୁ ପେନସନ ପ୍ରଦାନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ ।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଏବେ ନିର୍ବାଚନ ଥିବାରୁ ବିରୋଧୀମାନେ ଓଡ଼ିଶା ମୁହାଁ ହୋଇଛନ୍ତି । ସେମାନେ କେବଳ ଆପଣମାନଙ୍କ ଭୋଟ ଚାହୁଁଛନ୍ତି, ଆପଣମାନଙ୍କ ମଙ୍ଗଳ ନୁହେଁ । ଭୋଟ ପାଇଁ ଏବେ ବହୁ ମୁଖ୍ୟମନ୍ତ୍ରୀ, କେନ୍ଦ୍ରମନ୍ତ୍ରୀ ଆସୁଛନ୍ତି । ସେମାନେ ହେଉଛନ୍ତି ନିର୍ବାଚନ ଟୁରିଷ୍ଟ । ନିର୍ବାଚନ ସରିଲେ ସେମାନଙ୍କ ଦେଖା ମିଳିବ ନାହିଁ ।



କିନ୍ତୁ ବିଜୁ ଜନତା ଦଳ ଓଡ଼ିଶାବାସୀଙ୍କ ସହିତ ରହିଛି ଆଉ ସବୁ ଦିନ ରହିବ । ଆମ ପାଇଁ ଓଡ଼ିଶାବାସୀଙ୍କ ସ୍ୱାର୍ଥ ଠାରୁ କିଛି ବଡ଼ ନୁହେଁ । କେବଳ ବିଜୁ ଜନତା ଦଳକୁ ଆଶୀର୍ବାଦ କରିବାକୁ ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆହ୍ୱାନ ଦେଇ ଓଡ଼ିଶାର ସ୍ୱାର୍ଥ ବିରୋଧୀଙ୍କୁ ଚିହ୍ନି ରଖିବା ପାଇଁ ଜନ-ସାଧାରଣଙ୍କୁ ନିବେଦନ କରିଥିଲେ ।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ, କିଏ କୁମ୍ଭୀର କାନ୍ଦଣା କାନ୍ଦୁଛି ଆଉ କିଏ ଦିନ ରାତି ଓଡ଼ିଶାର ଲୋକଙ୍କ ଉନ୍ନତି ପାଇଁ କାମ କରୁଛି ତାହା କାହାକୁ ଅଛପା ନାହିଁ । ସେମାନଙ୍କ ନେତାମାନେ ମିଛ କଥା କହୁଛନ୍ତି, ବଡ଼ ବଡ଼ ଆଶ୍ୱାସନା ଦେଇ ଭୋଟ ନେବାକୁ ଉଦ୍ୟମ କରୁଛନ୍ତି । ସେମାନଙ୍କ ଉଦ୍ୟମକୁ ଆମେ ପଣ୍ଡ କରିଦେବା । ବିଏସ୍ୱାଇକେ, ମିଶନ ଶକ୍ତି, ମମତା, ଲକ୍ଷ୍ମୀ ବସ୍, ୫-ଟି ସ୍କୁଲ ରୂପାନ୍ତରଣ, ପିଲାଙ୍କ ସ୍କଲାରସିପ୍, ଚାଷୀଙ୍କ କାଳିଆ, ମଧୁବାବୁ ପେନସନ୍ ଯୋଜନା, ଚାଉଳ କାର୍ଡ ପରି ଜନକଲ୍ୟାଣକାରୀ ଯୋଜନାର ସୁଫଳ ସମ୍ପର୍କରେ ମୁଖ୍ୟମନ୍ତ୍ରୀ ପଚାରି ଥିଲେ ଏସବୁ ଯୋଜନା ଭଲ କି ? ସାଧାରଣ ଲୋକମାନେ "ହଁ" ଧ୍ୱନୀ ଦେଇ ଅଞ୍ଚଳ ପ୍ରକମ୍ପିତ କରିଥିଲେ । ଯେତେବେଳେ ସେ ପଚାରିଲେ ନବୀନ ପଟ୍ଟନାୟକ ଭଲ କି? ସେତେବେଳେ ସମ୍ମିଳିତ 'ହଁ' ସ୍ୱର ଶୁଣାଯାଇଥିଲା । ଏହି ଅବସରରେ ବିଜୁ ଜନତା ଦଳ ସରକାର ମାଗଣା ବିଜୁଳି ଦେବ । ଆପଣମାନେ ଖୁସି ତ ବୋଲି ମୁଖ୍ୟମନ୍ତ୍ରୀଙ୍କ ପ୍ରଶ୍ନରେ ମଧ ସମୂହ ଭାବରେ ହଁ ଧ୍ୱନୀରେ ଅଞ୍ଚଳ ମୁଖରିତ ହୋଇଥିଲା । ତା'ପରେ ସେ ପୁଣି କହିଲେ ମା ସମଲେଇଙ୍କ ପ୍ରକଳ୍ପ କାମ ଭଲ ହୋଇଛି ତ ? ପୁରୀ ପରିକ୍ରମା ପ୍ରକଳ୍ପ ଭଲ ହେଉଛି ତ ? ବହୁତ ଭଲ ବୋଲି ଉଚ୍ଛ୍ୱସିତ ସ୍ୱରରେ ଜନତା ଉତ୍ତର ଦେଇଥିଲେ । ଏହି ଅବସରରେ ମୁଖ୍ୟମନ୍ତ୍ରୀ ଓଡ଼ିଶାକୁ ଆମେ ଏକ ନମ୍ବର ରାଜ୍ୟ କରିବା ପାଇଁ ବିଜୁ ଜନତା ଦଳର ସାଂସଦ ଓ ବିଧାୟକ ପ୍ରାର୍ଥୀଙ୍କୁ ବିପୁଳ ଭୋଟରେ ବିଜୟୀ କରିବାକୁ ଅନୁରୋଧ କରିଥିଲେ ।

ଏହି ଅବସରରେ ବିଜେଡିର ବରିଷ୍ଠ ନେତା କାର୍ତ୍ତିକ ପାଣ୍ଡିଆନ, ସମ୍ବଲପୁର ସାଂସଦ ପ୍ରାର୍ଥୀ ପ୍ରଣବ ପ୍ରକାଶ ଦାସ (ବବି) ସମ୍ବଲପୁରର ବିଧାନସଭା ପ୍ରାର୍ଥୀ ରୋହିତ ପୂଜାରୀ ପ୍ରମୁଖ ଭାଷଣ ଦେଇଥିଲେ ।

# ନିର୍ବାଚନ ପ୍ରଚାରବେଳେ ନେତାଙ୍କ ମୁହଁରେ ଲଗାମ ରହୁ ନାହିଁ

ସମ୍ବଲପୁର: ସଂପ୍ରତି ରାଜ୍ୟରେ ଚାଲିଥିବା ନିର୍ବାଚନ ପ୍ରଚାରରେ ବହୁ ନେତା ଅରୁଚିକର ବିବୃତି ଓ ମନ୍ତବ୍ୟ ଦେଉଥିବା ପରିଲକ୍ଷିତ ହେଉଛି । ନେତାମାନେ ଜାତି, ଧର୍ମ ଓ ଭାଷାକୁ ନେଇ ସଂକୀର୍ଣ୍ଣ ରାଜନୀତି କରୁଛନ୍ତି । ଦଳୀୟ କମ୍, ବ୍ୟକ୍ତିଗତ ଆକ୍ରମଣ ବେଶୀ ହେଉଛି । ପୂରା ପରିବାରକୁ ଟାଣି ଅପମାନିତ କରାଯାଉଛି । ଦିନକୁ ଦିନ ବଢ଼ି ଚାଲିଥିବା ନେତାଙ୍କ ଏଭଳି ବେପରୁଆ ଓ ଅସମ୍ମାନଜନକ ଭାଷା ପ୍ରୟୋଗ ସାଧାରଣ ମତଦାତାଙ୍କୁ ଯେତିକି ବିସ୍ମିତ କରିଛି, ସେତିକି ବିଚଳିତ କରୁଛି ।

ନେତାମାନଙ୍କର ଏପରି ଆଚରଣ ଦେଖି ଲୋକମାନେ କହିବା ଆରମ୍ଭ କଲେଣି ଯେ, ନେତାମାନେ ନୀତି ଓ ନୈତିକତା ଭୁଲିଗଲେଣି । ଭଲ ଶବ୍ଦ ତାଙ୍କ ଅଭିଧାନରୁ ଉଭେଇ ଗଲାଣି । ଏହିଭଳି କୁତ୍ସିତ ଭାଷା ସେମାନଙ୍କ ମୂଳ ପ୍ରସଙ୍ଗ ବା ଅସ୍ତ୍ର ହୋଇଛି । ଏପଟେ 'ଓଡ଼ିଆ ଅସ୍ମିତା'କୁ ଜାବୁଡ଼ି ଧରିଛନ୍ତି, ସେପଟେ ଅତି ନିମ୍ନ ରୁଚିର ଭାଷା ଓ କଦର୍ଯ୍ୟ ଶବ୍ଦସବୁ କହୁଛନ୍ତି ।

ନିର୍ବାଚନ କମିଶନ(ଇସି)ଙ୍କ ବାରଣ ଓ ସୁପ୍ରିମ୍‌କୋର୍ଟଙ୍କ ତାଗିଦ୍ ସତ୍ତ୍ୱେ ରାଜନୈତିକ ଦଳ ଓ ନେତାଙ୍କ ମୁହଁରେ ଲଗାମ ନାହିଁ । ପାଟି ଖୋଲିଲେ କଟୁ ଓ ରୁକ୍ଷ ଭାଷା ବାହାରୁଛି । ବିଶେଷ କରି ବିଜେଡି ଓ ବିଜେପିର ନେତା କେନ୍ଦ୍ରମନ୍ତ୍ରୀ, ବରିଷ୍ଠ ନେତାଙ୍କ ଠାରୁ ତୃଣମୂଳ ସ୍ତରର କର୍ମକର୍ତ୍ତାଙ୍କ ପର୍ଯ୍ୟନ୍ତ, ଏପରିକି କେନ୍ଦ୍ରରୁ ଆସୁଥିବା ନେତା ବି ସମାନ ପ୍ରକାରର ଭାଷା କହୁଛନ୍ତି ।

ଟାର୍ଗେଟ୍ ନବୀନ-ପାଣ୍ଡିଆନ । ତାଙ୍କୁ ନେଇ ଖରାପ ଭାଷା ହୋଇପାରିବ, ତାହା ବିଜେପି ନେତାଙ୍କଠୁ ଓଡ଼ିଶା ଶୁଣି ଆସୁଛି । ଗୁମାସ୍ତା, ଚାମଚା, ଭୈରବ, ଟେଷ୍ଟ ବନ୍ଧାକି, ଜଳଖିଆ ବଣ୍ଟାଳି, ମାଇକ୍ ଧରାଳି, ଇଭେଣ୍ଟ କମ୍ପାନୀ, ନୀଳବର୍ଣ୍ଣ ଶୃଗାଳ, ନବୀନ ବାବୁ କା', କ୍ରୀତଦାସ, ଦୋମୁହାଁ, ଚୋର, ତସ୍କର, ଠକ, ବାହାରିଆ, ଛାମୁ ଭଳି ଯାହା ମୁହଁକୁ ଯାହା ଆସିଲା କହିଲେ ।

ସେ ସାମ୍ବାଦିକ ସମ୍ମିଳନୀ ହେଉ କି ସାଧାରଣ ଜନସଭା ମଞ୍ଚ ସବୁଠି ଶୁଭୁଛି ଗାଳି । ବିଜେଡି ବି ପଛରେ ନାହିଁ । ଦଳ ବିଜେପି ସହ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ସାଂସଦ ଅପରାଜିତା ଷଡ଼ଙ୍ଗୀ ଓ ଅନ୍ୟ ନେତାଙ୍କୁ ଟର୍ଗେଟ୍ କରିଛି । ତାଙ୍କୁ ନେଇ ବିଜେଡି ନେତା ଟିପ୍ପଣୀ କରିବା ସହ କଡ଼ ଭାଷା ପ୍ରୟୋଗ କରିବାକୁ ପଛାଇ ନାହାନ୍ତି । ମିଛୁଆ, ସୁପର ମିଛୁଆ, ଡାହା ମିଛୁଆ, ବାହାପିଆ, ବାହାଦୁରିଆ, ନୀଳ ଚଷମା, ରଙ୍ଗୀନ ସ୍ୱପ୍ନ, ପାଗଳ, ମାନସିକ ସ୍ଥିତି ଠିକ୍ ନାହିଁ, ଯାତ୍ରା ପାର୍ଟି, ଦୋମୁହାଁ ଚରିତ୍ର, ଜୁମ୍ଲା, ଟୁରିଷ୍ଟ ନେତା ଭଳି ଯାହା ପାଟିକୁ ଆସିଲା, ଫିଙ୍ଗି ଚାଲିଲେ । ସମୟେ ସମୟେ କଂଗ୍ରେସର କିଛି ନେତାଙ୍କ ମୁହଁରେ ବି ଏଭଳି ଭାଷା ଶୁଣିବାକୁ ମିଳେ । ଯଦିଓ ତାଙ୍କର ତୀର କେନ୍ଦ୍ରକୁ ତଥାପି ସେମାନେ ବି ଏଠି ଚାମଚା, ଗୁମାସ୍ତା ସରକାର, 'ବି' ଦଳ କହିବାକୁ ପଛାନ୍ତି ନାହିଁ । କେହି କାହାରିକୁ କମ୍ ନୁହନ୍ତି ।

ଅବଶିଷ୍ଟାଂଶ ୭ମ ପୃଷ୍ଠାରେ

## ଏ ସଂଖ୍ୟାରେ..


ଶରୀର ପାଇଁ ଗ୍ରୀନ ବିନ୍‌ସ୍


କଦଳୀର ପୌଷ୍ଟିକ ତତ୍ତ୍ୱ


ଜହ୍ନିର ଔଷଧୀୟ ଗୁଣ


ଉପକାରୀ ଧନିଆ


ରକ୍ତଚାପରୁ ରକ୍ଷା କରିବ ପନିର୍


ତମ୍ବାପାତ୍ରର ଉପକାରିତା

# ଲକ୍ଷ୍ମୀପ୍ରିୟା ମାର୍କେଟ କମ୍ପ୍ଲେକ୍ସ କାହା ପାଇଁ ?

ସମ୍ବଲପୁର : ଦୀର୍ଘ ଦୁଇ ବର୍ଷ ହେଲା ଲକ୍ଷ୍ମୀପ୍ରିୟା ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ ହେଲାଣି ହେଲେ ଆଜି ପର୍ଯ୍ୟନ୍ତ ତାହା କାର୍ଯ୍ୟକ୍ଷମ ହେଇପାରିନି । ଯେଉଁଠି ଆବଶ୍ୟକତା ରହିଛି ସେଠି ଉନ୍ନୟନ କାର୍ଯ୍ୟ ପାଇଁ ଅର୍ଥ ସମସ୍ୟା ସୃଷ୍ଟି ହେଉଥିବା ବେଳେ ଅର୍ଥ ଖର୍ଚ୍ଚ ହୋଇଥିବା ପ୍ରକଳ୍ପ କାର୍ଯ୍ୟକାରୀ ନହେବା ବିଭାଗୀୟ ଅଧିକାରୀଙ୍କ କାର୍ଯ୍ୟକଳାପ ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଛି ।

ପ୍ରାୟ ଦୁଇ ବର୍ଷ ହେଲା ନିର୍ମିତ ହୋଇଥିବା ଲକ୍ଷ୍ମୀପ୍ରି ୟା କମ୍ପ୍ଲେକ୍ସର ସଟର୍ ଡାଉନ୍ ରହିଛି । ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚରେ ନିର୍ମିତ ହୋଇଥିବା ଏହି କମ୍ପ୍ଲେକ୍ସରେ ବର୍ତ୍ତମାନ ତାଲା ପଡିଛି । ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଦ୍ୱାରା ପ୍ରସ୍ତୁତ ସାମଗ୍ରୀର ବିକ୍ରୟ ବ୍ୟବସ୍ଥା ନେଇ ବଜାର ସମସ୍ୟା ଥିବା ବେଳେ ଲକ୍ଷ୍ମୀପ୍ରିୟା କମ୍ପ୍ଲେକ୍ସରେ ତାଲା ପଡ଼ିବା ଘଟଣାର ରହସ୍ୟ ଜଣାପଡୁନି । ଜିଲ୍ଲା ପରିଷଦ କାର୍ଯ୍ୟାଳୟକୁ ଲାଗି ଗତ ୧୯୮୯/୯୦ମସିହାରେ ଏସ୍‌ଏଚ୍ ସଦସ୍ୟାଙ୍କ ଦ୍ୱାରା ପ୍ରସ୍ତୁତ ସାମଗ୍ରୀର ବିକ୍ରୟ ବ୍ୟବସ୍ଥା ପାଇଁ ସ୍ୱତନ୍ତ୍ର କୋଠା ନିର୍ମାଣ କରାଯାଇଥିଲା । ଲକ୍ଷ୍ମୀପ୍ରିୟା ନାମକରଣ ସହ ଆରମ୍ଭ ହୋଇଥିଲା ଏହି ବିକ୍ରୟ କେନ୍ଦ୍ର । କିଛି ବର୍ଷ ଏହା ରୁଗ୍ଣ ଅବସ୍ଥାରେ ପରିଚାଳିତ ହେଉଥିଲା । ବିଭାଗୀୟ ଅଧିକାରୀଙ୍କ ପକ୍ଷରୁ ଏହାକୁ ଯେଭଳି ଭାବେ ପରିଚାଳନା ପାଇଁ ସହାୟତା ପ୍ରଦାନ କରିବା କଥା ତାହା କରାଗଲା ପ୍ରଦାନ କରିବା କଥା ତାହା କରାଗଲା ନାହିଁ । ଏଭଳି ସ୍ଥିତିରେ ଲକ୍ଷ୍ମୀପ୍ରିୟା ଦୋକାନର ପରିଚାଳନା ଦାୟିତ୍ୱ ଗ୍ରହଣ କରିଥିବା ଏସ୍‌ଏଚ୍‌ଜି କ୍ଷତିର ସମ୍ମୁଖୀନ ହୋଇଥିଲେ । ପରବର୍ତ୍ତୀ ସମୟରେ ଉକ୍ତ ଦୋକାନରେ କିଛି ଏସ୍‌ଏଚ୍ ସାମଗ୍ରୀ ସହ ଡ଼ାଲି, ଚାଉଳ ଓ ଅନ୍ୟାନ୍ୟ ରାସନ୍ ସାମଗ୍ରୀ ମଧ ବିକ୍ରି ଆରମ୍ଭ ହୋଇଥିଲା ।

ଲକ୍ଷ୍ମୀପ୍ରିୟା ଯୋଜନା ଯେଉଁ ଉଦ୍ଦେଶ୍ୟ ନେଇ ଆରମ୍ଭ ହୋଇଥିଲା ତାହା ପୂରଣ ହେଉ ନ ଥିବାରୁ ସାଧାରଣରେ ଏହାକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଉଥିଲା । ଏଭଳି ସ୍ଥିତିରେ ଜିଲ୍ଲାପରିଷଦ କାର୍ଯ୍ୟାଳୟ ପକ୍ଷରୁ ଏହାକୁ ବନ୍ଦ କରାଯାଇଥିଲା । ଗତ ୨ ବର୍ଷ ତଳେ ପୁଣି ଉକ୍ତ ପୁରୁଣା କୋଠାର ପୁନରୁଦ୍ଧାର କରି ଲକ୍ଷ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଲକ୍ଷ୍ମୀପ୍ରିୟା କମ୍ପ୍ଲେକ୍ସକୁ ନୂତନ ରୂପ ଦିଆଯାଇଛି । ହେଲେ ଆଶ୍ଚର୍ଯ୍ୟଜନକ ଭାବେ ସେଠାରେ ପ୍ରାୟ ୨ ବର୍ଷ ହେଲା ସଟର ପଡ଼ିଛି । ବର୍ତ୍ତମାନ ସୁଦ୍ଧା ଲକ୍ଷ୍ମୀପ୍ରିୟା କମ୍ପ୍ଲେକ୍ସକୁ ପରିଚାଳନା ପାଇଁ କାହାରିକୁ ଦାୟିତ୍ୱ ଦିଆଯାଇଛି ନା ନାହିଁ ତାହା ସ୍ପଷ୍ଟ ହୋଇ ନାହିଁ ।

# ଓଡ଼ିଶାମୁହାଁ କେନ୍ଦ୍ରୀୟ ବିଜେପି ନେତା

ଭୁବନେଶ୍ୱର : ସାଧାରଣ ନିର୍ବାଚନ ଯେତେ ପାଖେଇ ଆସୁଛି, ରାଜ୍ୟରେ ପ୍ରଚାର ମାହୋଲ ସେତେ ସରଗରମ ହେଉଛି । ଗତ ୩ଟି ବିଧାନସଭା ନିର୍ବାଚନରେ ନିଜର ସମସ୍ତ ଶକ୍ତି ଲଗାଇ ସଫଳ ହୋଇ ନ ଥିବା ବିଜେପି ଚଳିତ ନିର୍ବାଚନରେ ଶେଷ ଚେଷ୍ଟା ଚଳାଇଛି । ୨୦୦୯ ନିର୍ବାଚନରେ ବିଜେପି ମାତ୍ର ୬ଟି ବିଧାନସଭା ଆସନ ଜିଣିଥିବା ବେଳେ ୨୦୧୪ ଏହି ସଂଖ୍ୟା ୧୦କୁ ବୃଦ୍ଧି ପାଇଥିଲା । ସେହିପରି ବ୍ୟୟବହୁଳ ପ୍ରଚାର, ଯୋଜନାବଦ୍ଧ ରଣନୀତି ଓ ସର୍ବୋପରି କେନ୍ଦ୍ରୀୟ ନେତାଙ୍କ ଘନଘନ ଓଡ଼ିଶା ଗସ୍ତ ସତ୍ତ୍ୱେ ୨୦୧୯ ରେ ବିଜେପି ମାତ୍ର ୨୩ ଆସନରେ ସୀମିତ ରହିଥିଲା । ଚଳିତଥର ମଧ ବିଜେପି ସମାନ ରଣନୀତି ପ୍ରସ୍ତୁତ କରିବା ସହ ନିଜର ପ୍ରଚାର କାର୍ଯ୍ୟକ୍ରମକୁ ଜୋରଦାର କରିଛି । ବିଜେଡି ପକ୍ଷରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରଚାର ମଙ୍ଗ ଧରିଥିବା ବେଳେ '୫-ଟି' ଅଧକ୍ଷ ତଥା ଦଳର ବରିଷ୍ଠ ନେତା କାର୍ତ୍ତିକ ପାଣ୍ଡିଆନ୍ ଦଳ ପାଇଁ ତୋଫାନୀ ପ୍ରଚାର ଜାରି ରଖିଛନ୍ତି । ବର୍ତ୍ତମାନ ରାଜ୍ୟରେ ନିର୍ବାଚନୀ ପ୍ରଚାର ନବୀନ ବନାମ ବିଜେପିର ଦିଲ୍ଲୀ ବ୍ରିଗେଡ଼ରେ ପହଞ୍ଚିଛି । ରାଜ୍ୟରେ ନିର୍ବାଚନ ବିଗୁଲ୍ ବାଜିବା ପୂର୍ବରୁ ଦିଲ୍ଲୀ ବିଜେପିର ଶୀର୍ଷ ନେତାଙ୍କ ଘନଘନ ଓଡ଼ିଶା ଗସ୍ତ ଲାଗିରହିଛି । ପ୍ରଥମ ପର୍ଯ୍ୟାୟ ନିର୍ବାଚନ ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ବିଜେପି ରାଷ୍ଟ୍ରୀୟ ଅଧକ୍ଷ ଜେ ପି ନଡ୍ଡା, ଗୃହମନ୍ତ୍ରୀ ଅମିତ ଶାହା, ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂହ, ଭୂପୃଷ୍ଠ ପରିବହନ ମନ୍ତ୍ରୀ ନୀତିନ ଗଡ଼କରୀ ପ୍ରମୁଖ ଦଳୀୟ ପ୍ରାର୍ଥୀଙ୍କ ପାଇଁ ଭୋଟ ମାଗିସାରିଲେଣି । ସେହିପରି ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା, ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେଓ ସାଏ, ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର, ତ୍ରିପୁରାର ପୂର୍ବତନ ମୁଖ୍ୟମନ୍ତ୍ରୀ ବିପ୍ଳବ ଦେବ ଲୋକସଭା ବାଚସ୍ପତି ଓମ୍ ବିର୍ଲା, ବଲିଉଡ୍ ଅଭିନେତ୍ରୀ ହେମାମାଳିନୀ, ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା, ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ, ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଭଜନ ଲାଲ, ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ପ୍ରମୁଖ ବିଭିନ୍ନ ଜନସଭାକୁ ସମ୍ବୋଧିତ କରିସାରିଛନ୍ତି ।

# ଭୋଟ୍ ଦେମା ଭୋଟ୍

*ପଦ୍ମଶ୍ରୀ ମିତ୍ରଭାନୁ ଗୌନ୍ତିଆ*

ଆମର ହକ୍ ଦେମା ଭୋଟ
ହେଉଁ ସଭେଁ ଯୋଟ
ପାଁଚ ବଛରେ ଆଇଛେ ଗା
ଭୋଟ୍ ଘମା ଘୋଟ
ବଡ଼ ହକ୍‌ଟେ ଭୋଟ ଆମର
ଭୋଟ ନୁହେ ଛୋଟ
ନାଇଁ ହଦୁଁ ଭୋଟ ଦେଇକେ
ସଭେଁ ଦେଉଁ ଭୋଟ୍ ହୋ... (୧)

ଗାଆଁ ସହର ଦୁଲକି ଯାଉଛେ
ଦୁଇ ଦୁଲିକେ ହୁଲହୁଲି
ଶହେନୁ ଶହେ ଭୋଟ ଦେଇଯିମା
ନାଇଁ ଡରି କେହି ଗୁଲ ଗୁଲି । (୨)

ଦମ ଜମାଡେ ଘେଁସରି, ଖଁସରି
ଯିମା ଭୋଟ କେନ୍ଦର
କେହି ନାଇଁ ହେଉଁ ଗରହାଜର
ଏଭୁଁ ସଭେଁ ତଳର
ସରଗୁଁ ଥାଇ ଦେଖୁଛନ୍
ସୁରୁଜ ଆରୁ ଚନ୍ଦର
କେହି ନାଇଁ ହଜର । (୩)

ନୁଆଁ ଗଢ଼ି ଦେମା ଭାରତ ଓଡ଼ିଶା
ସଭେଁ ଭୋଟ ଦେଉଁ ପାଖି ପଡିଶା
ଭୋଟ ପିଟି ହୋ ଭୋଟ ପିଟି
ଭୋଟ ପିଟି ଭୋଟ ପିଟି ଯାଉଁ ତୁରୁତି
ଶହେନୁ ଶହେ ଯୁଟି । (୪)

ରଙ୍ଗବତୀ କ୍ରୀଡ଼ା ସଂସ୍କୃତି ଏକାଡେମୀ,
ରଙ୍ଗବତୀ, ବିଲୁଙ୍ଗ

# କର୍ମଫଳର ଶାଶ୍ୱତ ସିଦ୍ଧାନ୍ତ

ଶ୍ରୀମଦ୍ ଭଗବଦ୍‌ଗୀତା ଭଗବାନଙ୍କ ମୁଖ ନିଃସୃତ ଏଭଳି ଦିବ୍ୟ ସନ୍ଦେଶ, ଯାହାର ପ୍ରତ୍ୟେକ ଶ୍ଳୋକରେ, ପ୍ରତ୍ୟେକ ଅଧାୟରେ ଜୀବନକୁ ସମଗ୍ରତାରେ ବଞ୍ଚିବାର ସନ୍ଦେଶ ପ୍ରଦାନ କରାଯାଇଛି । ଗୀତାରୁ ନିଃସୃତ ଅଗଣିତ ଦିବ୍ୟ ସନ୍ଦେଶ ମଧ୍ୟରେ ସର୍ବାଧିକ ମହତ୍ତ୍ୱପୂର୍ଣ୍ଣ ସନ୍ଦେଶ ହେଉଛି କର୍ମଫଳ ସିଦ୍ଧାନ୍ତ ଏବଂ ତାହାକୁ ଧାନରେ ରଖି ନିଷ୍କାମ ଭାବରେ କର୍ମ କରିବା ।

କର୍ମଫଳର ସିଦ୍ଧାନ୍ତ ଏପରି ଅଟଳ ଓ ଶାଶ୍ୱତ, ଯାହାକୁ ମାନୁଥିବା ମାନୁ ନ ଥିବା ପ୍ରତ୍ୟେକ ପ୍ରାଣୀକୁ ତଦନୁରୂପ ପରିଣାମ ପ୍ରାପ୍ତ କରିବା ପାଇଁ ପ୍ରସ୍ତୁତ ରହିବାକୁ ପଡ଼ିଥାଏ । କାହାର ବ୍ୟକ୍ତିଗତ ସଉକକୁ ପୂରଣ କରିବା ସକାଶେ ଏ ସୃଷ୍ଟିର ନିର୍ମାଣ କରାଯାଇ ନାହିଁ, ବରଂ ଏହାର ସଞ୍ଚାଳନ ନିମନ୍ତେ ଏକ ସୁ ନିୟୋଜିତ ବ୍ୟବସ୍ଥାର ଶୃଙ୍ଖଳାଗୁଡ଼ିକର କଡ଼ି ରହିଛି ଏବଂ ସେହି ଶାଶ୍ୱତ ଅନୁଶାସନକୁ ଉଲ୍ଲଂଘନ କରିବାର ରିଆଟି କାହାରିକୁ ବି ଦିଆଯାଇ ନାହିଁ ।

କର୍ମଫଳର ସିଦ୍ଧାନ୍ତ, ଏପରି ଏକ ସିଦ୍ଧାନ୍ତ, ଯାହା ଅନୁସାର ପରିଣାମ ପାଇବା ପାଇଁ ପ୍ରତ୍ୟେକ ପ୍ରାଣୀକୁ ବିବଶ ହେବାକୁ ପଡ଼ିଥାଏ । ଆମ ଦ୍ୱାରା ଅତୀତରେ କରାଯାଇଥିବା କର୍ମ, ଆମର ବର୍ତ୍ତମାନକୁ ନିର୍ମାଣ କରିଥାଏ ଏବଂ ବର୍ତ୍ତମାନରେ ଆମ ଦ୍ୱାରା କରାଯାଉଥିବା କର୍ମ, ଆମ ଭବିଷ୍ୟତର ଆଧାରଶିଳା ରଖିଥାଏ ।

ଯେପରି ବୀଜ ବୁଣାଯାଏ, ସେପରି ଫଳ ମିଳିଥାଏ । ଏଥିରେ କୌଣସି କୌତୂହଳ ବା ଆଶ୍ଚର୍ଯ୍ୟର ସମ୍ଭାବନା ଅଛି କେଉଁଠି ? ଯଦି ବିଗତ ସମୟରେ ଆମ ଦ୍ୱାରା ଅନର୍ଗଳ ଅଶୁଭ କର୍ମ କରାଯାଇଛି, ତେବେ ସେଗୁଡ଼ିକର ପରିଣାମକୁ ଆଜି ସେହି ରୂପରେ ସ୍ୱୀକାର କରିବା ପାଇଁ ଆମେ ସର୍ବଦା ତତ୍ପର ରହିବା ଉଚିତ । ବର୍ତ୍ତମାନର ସ୍ୱରୂପ ଯେପରି ଅଛି, ତାହାର ଏପରି ନିର୍ମାଣ ହେବା ପଛରେ ଆମର ପୂର୍ବକୃତ କର୍ମଗୁଡ଼ିକର ହିଁ ଭୂମିକା ରହିଛି ।

କିଛି କର୍ମ ତୁରନ୍ତ ନିଜର ଫଳ ଦେଇଥାଏ ତ କେତେକର ପରିଣାମ ସମୟ ସାଧ । ପଢ଼ା ଆରମ୍ଭ କରୁଥିବା ବାଳକ ଦିନେ ବିଶ୍ୱବିଦ୍ୟାଳୟର ପ୍ରଫେସର ହୋଇଯାଏ । ବ୍ୟାୟାମଶାଳାକୁ ଯାଉଥିବା ଯୁବକ ଘଣ୍ଟାକ ଭିତରେ ମାଷ୍ଟର ଚନ୍ଦ୍ରଗୀରାମ ହୋଇ ବାହାରେ ନାହିଁ । ଏହାର ବିପରୀତ ନିଆଁରେ ହାତ ଦେଲେ ତୁରନ୍ତ ହାତ ପୋଡ଼ିଯାଏ, ସେଥିପାଇଁ ଦୀର୍ଘ ସମୟ ପର୍ଯ୍ୟନ୍ତ ପ୍ରତୀକ୍ଷା କରିବାକୁ ପଡ଼େ ନାହିଁ ।

କିଛି କାର୍ଯ୍ୟ ତୁରନ୍ତ ଫଳ ଦେଇଥାଏ ତ କିଛି କାର୍ଯ୍ୟର ପରିଣାମ ପ୍ରତୀକ୍ଷା କରିବା ପରେ ମିଳେ । ଯେଉଁ କର୍ମ ସମୟ ସହିତ ନିଜର ପରିଣାମ ଦେଇଥାଏ, ତାହାକୁ ଦେଖି ଅନେକ ଲୋକ କର୍ମଫଳ ସିଦ୍ଧାନ୍ତ ଉପରେ ଅବିଶ୍ୱାସ ବ୍ୟକ୍ତ କରନ୍ତି । ଭଲ କାମ କରୁଥିବା ଲୋକେ ଭାବନ୍ତି ଯେ ସେମାନଙ୍କ ଉତ୍ତମ କାର୍ଯ୍ୟଗୁଡ଼ିକର ଫଳ ସେମାନଙ୍କୁ ମିଳୁ ନାହିଁ କାହିଁକି, ଅନ୍ୟ ପକ୍ଷରେ ମନ୍ଦ କାର୍ଯ୍ୟ କରୁଥିବା ଲୋକେ ନିଜ କର୍ମଗୁଡ଼ିକର ତୁରନ୍ତ କୌଣସି କୁପରିଣାମ ମିଳୁ ନ ଥିବାର ଦେଖି ଭାବନ୍ତି ଯେ ସେମାନଙ୍କର କେହି କିଛି ବିଗାଡ଼ି ପାରିବେ ନାହିଁ ।

ତତ୍କାଳ ଫଳ ନ ମିଳିବାର ବ୍ୟବସ୍ଥା ପଛରେ ଭଗବାନଙ୍କ ନିର୍ମିତ ଦୂରଦର୍ଶିତା ଓ ବିବେକଶୀଳତାର ବ୍ୟବସ୍ଥା ରହିଛି । ଯଦି ଅସତ୍ୟ କହିବା ମାତ୍ରେ ମୁହଁ ଫାଟିଯାନ୍ତା, ଚୋରି କରିବା ମାତ୍ରେ ହାତ କଟିଯାନ୍ତା, ତାହେଲେ ମନୁଷ୍ୟକୁ ଆତ୍ମପ୍ରେରଣା ଆଧାରରେ ଜୀବନ ପରିବର୍ତ୍ତନର ସୁଯୋଗ ହିଁ ମିଳନ୍ତା ନାହିଁ । କେବଳ ମନ୍ଦ କର୍ମ କାହିଁକି, ଯଦି ଭଲ କର୍ମ କରିବାର ତାତ୍କାଳିକ ଲାଭ ମିଳୁଥାନ୍ତା, ତେବେ ସମସ୍ତ ପୁଣ୍ୟ ନିମିଷକ ମଧ୍ୟରେ ସମାପ୍ତ ହୋଇଯାନ୍ତା ଏବଂ ଅବଶିଷ୍ଟ ଜୀବନ କେବଳ ଦଣ୍ଡ ଭୋଗିବାରେ ବିତନ୍ତା ।

ମନୁଷ୍ୟର ଦୂରଦର୍ଶିତା ବିକଶିତ କରିବା ଏବଂ ଠିକ୍- ଭୁଲର ବିଚାର ରଖିବା ପଛରେ ପରମାତ୍ମାଙ୍କର ଉଦ୍ଦେଶ୍ୟ ହେଉଛି, ମନୁଷ୍ୟ ଏହା ଦେଖି-ଶୁଣି, ବୁଝି-ବିଚାରି ବିଚାରଶୀଳତା ପୂର୍ବକ ଜୀବନଯାପନ କରୁ, ଅନୈତିକ କ୍ରିୟାକଳାପ ଗୁଡ଼ିକରୁ ଦୂରେଇ ରହୁ, ଦୁଷ୍ପ୍ରବୃତ୍ତିଗୁଡ଼ିକ ସହ ଲଢ଼ିବାର ସତ୍‌ସାହସ ନିଜ ଭିତରେ ଉତ୍ପନ୍ନ କରୁ ଏବଂ ଏହି ସଂଗ୍ରାମରେ ଯେଉଁ ସବୁ ଆହ୍ୱାନ ଓ ସମସ୍ୟାମାନ ଆସିବ ସେଗୁଡ଼ିକୁ ଆପଣେଇବା, ଧୈର୍ଯ୍ୟ ପୂର୍ବକ ସହ୍ୟ କରିବାର ଉତ୍ସାହ ନିଜ ଭିତରେ ବିକଶିତ କରୁ ।

କର୍ମଗୁଡ଼ିକ ଫଳିତ ହେବାରେ, ସେଗୁଡ଼ିକର ପରିପାକ ହେବାରେ ସମୟ ଲାଗେ । ଏଗୁଡ଼ିକର ମୂଳ ଅନ୍ତରଙ୍ଗର ଗଭୀରତାରେ ଥାଏ, ସେଥିପାଇଁ ସେଗୁଡ଼ିକର ଶୁଭ ବା ଅଶୁଭ ପ୍ରତିଫଳ ବିଳମ୍ବରେ ମିଳେ ଏବଂ ଦୀର୍ଘ ଅବଧି ପର୍ଯ୍ୟନ୍ତ ରହିଥାଏ । ଏହି କାରଣରୁ କେବେ କେବେ ଏଗୁଡ଼ିକର ପରିଣାମ ମିଳିବାରେ ଜନ୍ମ-ଜନ୍ମାନ୍ତରର ସମୟ ଲାଗିଯାଏ ।

କର୍ମଗୁଡ଼ିକର ବୀଜ ମନୁଷ୍ୟର ଅନ୍ତଃକରଣରେ ଥାଏ । ଭଗବାନ ମନୁଷ୍ୟର ଅନ୍ତଃକରଣକୁ ନୈସର୍ଗିକ ରୂପେ ଦିବ୍ୟ ତତ୍ତ୍ୱଗୁଡ଼ିକରେ ସୁଶୋଭିତ କରି ପଠାଇଛନ୍ତି, ଯେପରିକି ସ୍ନେହ, ସୌଜନ୍ୟ, ଦୟା, କରୁଣା, ମାନବତା ଭଳି ଗୁଣ ଓ ସତ୍ୟପ୍ରବୃତ୍ତି ଆଦି । ଏଗୁଡ଼ିକ ହିଁ ମାନବୀୟ ଅନ୍ତଃକରଣର ସାଧାରଣ ସଂରଚନା ଗଠନ କରିଥାଏ । ଯଦି ଏହି କ୍ଷେତ୍ରରେ ଦୁଷ୍ପ୍ରବୃତ୍ତି ବା ନିକୃଷ୍ଟତା ପ୍ରବେଶ କରିବାର ପ୍ରୟାସ କରେ, ତାହେଲେ ଆମର ଆତ୍ମା ବିଦ୍ରୋହ କରି ଉଠେ ।

ଯେପରି ରକ୍ତରେ ବିଜାତୀୟ ତତ୍ତ୍ୱ, ଜୀବାଣୁ, ଭୂତାଣୁ ପ୍ରବେଶ କରିବା ମାତ୍ରେ ଆମର ପ୍ରତିରୋଧକ କ୍ଷମତା ସେଗୁଡ଼ିକ ସହିତ ଲଢ଼ିବା ପାଇଁ ପ୍ରସ୍ତୁତ ହୋଇଯାଏ, ସେହିପରି ଅନ୍ତଃକରଣର ଦୈବୀ ଚେତନା ମଧ ଆସୁରୀ ଦୁଷ୍ପ୍ରବୃତ୍ତିଗୁଡ଼ିକୁ ମାନବୀୟ ବ୍ୟକ୍ତିତ୍ୱରେ ଚେରମାଡ଼ି ବସିବାକୁ ଦିଏ ନାହିଁ । ଫଳରେ ଏକ ଦେବାସୁର ସଂଗ୍ରାମ ଆରମ୍ଭ ହୋଇଯାଏ । ଏହାକୁ ହିଁ ଅନ୍ତର୍ଦ୍ୱନ୍ଦ କହି ପାରନ୍ତି । ଏହି ଅନ୍ତର୍ଦ୍ୱନ୍ଦ ମନୋବୈଜ୍ଞାନିକଙ୍କ ଭାଷାରେ ବିଚ୍ଛୁରିତ ବ୍ୟକ୍ତିତ୍ୱର କାରଣ ହୋଇଥାଏ ।

ଗୋଟିଏ କୋଷ ମଧ୍ୟରେ ଦୁଇଟି ତଲୁଆର ରହି ପାରିବ ନାହିଁ । ନିଆଁ ଓ ପାଣି ଏକାଠି ରହିପାରିବ ନାହିଁ । ଭଲ ଓ ମନ୍ଦ ମଧ ଗୋଟିଏ ସ୍ଥାନରେ ରହି ପାରିବ ନାହିଁ ଆତ୍ମା ଗୋଟିଏ କ୍ଷଣ ମଧ ଦୁଷ୍ପ୍ରବୃତ୍ତିଗୁଡ଼ିକୁ ସ୍ୱୀକାର କରେ ନାହିଁ । ସେଥିପାଇଁ ଭୁଲ କରିବା ବେଳେ ଗ୍ଲାନି ହୋଇଥାଏ, ଆଖି ତଳକୁ ହୋଇଯାଏ, ହୃତ୍‌ସ୍ପନ୍ଦନ ବଢ଼ିଯାଏ ଓ ହାତ- ଗୋଡ଼ ଥରିଯାଏ ।

ଏହା ଏକ ପ୍ରକାରେ ଆମ ପାଇଁ ଅନ୍ତରାତ୍ମାର ସନ୍ଦେଶ ହୋଇଥାଏ । ସେ ସନ୍ଦେଶ ଦେଇଥାଏ ଯେ ପାପର ପରିଣାମରୁ କେହି ବର୍ତ୍ତି ପାରିବେ ନାହିଁ । ପାପ କରି କେହି ହୁଏତ ଥରେ ରାଜଦଣ୍ଡର ବ୍ୟବସ୍ଥାରୁ ବର୍ତ୍ତିଯାଇ ପାରେ, କିନ୍ତୁ ମାନସିକ ସନ୍ତାପ ଓ ଶାରୀରିକ ରୋଗଗୁଡ଼ିକରୁ ତାକୁ କିଏ ରକ୍ଷା କରି ପାରିବ ? ତେଣୁ ଯେଉଁମାନେ ଆଧାତ୍ମିକ ପ୍ରଗତିର ଇଚ୍ଛା କରନ୍ତି, ସେମାନେ ପ୍ରଥମେ ଏହି ଦୁଷ୍ପ୍ରବୃତ୍ତି ଓ ଦୁଷ୍କର୍ମଗୁଡ଼ିକର ପରିଷ୍କାର କରନ୍ତି ।

କର୍ମଫଳ ବିଧାନ ଅଟଳ । ଅନ୍ତଃକରଣରେ କୁକର୍ମଗୁଡ଼ିକର ଛାୟା ଥିବା ପର୍ଯ୍ୟନ୍ତ ଆମକୁ ଦିବ୍ୟ ସତ୍ତାଙ୍କ ସୂର୍ଯ୍ୟ ଦେଖାଯାନ୍ତି ନାହିଁ । ସର୍ବ ପ୍ରଥମେ ସେହି କୁକର୍ମଗୁଡ଼ିକର କାଳିମାରୁ ବାହାରି ଆସିବା ଆବଶ୍ୟକ ହୋଇଥାଏ ।

ସେଥିପାଇଁ ଆଜିର ଆମର ଦୁଃଖଦ ପରିସ୍ଥିତିଗୁଡ଼ିକର ମୂଲ୍ୟାଙ୍କନ ଆମ ଅତୀତର ଭୁଲଗୁଡ଼ିକ ଉପରେ ଦୃଷ୍ଟିପାତ ସହିତ କରାଯିବା ଆବଶ୍ୟକ, ଯଦ୍ଦ୍ୱାରା ସେପରି ପରିସ୍ଥିତିଗୁଡ଼ିକୁ ଧୈର୍ଯ୍ୟପୂର୍ବକ ସହ୍ୟ କରିବା, ସ୍ୱୀକାର କରିବାର କ୍ଷମତା ଆମ ଭିତରେ ବିକଶିତ ହୋଇ ପାରିବ ।

ଏହିପରି ଉତ୍ତମ ଘଟଣା ଘଟିଲେ ଉତ୍ଫୁଲ୍ଲିତ ଓ ଗର୍ବୋନ୍ମତ୍ତ ହେବା ପରିବର୍ତ୍ତେ ପୂର୍ବକୃତ ଶୁଭ କର୍ମଗୁଡ଼ିକୁ ଧନ୍ୟବାଦ ଦେଇ ଜୀବନରେ ସର୍ବଦା ଉତ୍ତମ କର୍ମ କରିବା ଭାବିବା ଉଚିତ । ଏହି ମାର୍ଗରେ ଜୀବନର ପ୍ରତ୍ୟେକ କ୍ଷେତ୍ରରେ ଉନ୍ନତି ଓ ଉତ୍କର୍ଷ ପ୍ରାପ୍ତ ହୋଇଥାଏ ।

# ଆତ୍ମାନୁଶୀଳନ

ପଣ୍ଡିତ ନାମଯଜ୍ଞ ମିଶ୍ର

ବିଶ୍ୱରେ ଦୁଇ ପ୍ରକାରର ଦାର୍ଶନିକ ଅଛନ୍ତି, ଗୋଟିଏ ଆତ୍ମବାଦୀ ଓ ଅନ୍ୟଟି ଅନାତ୍ମବାଦୀ, ପ୍ରକୃତି ଓ ବ୍ରହ୍ମ ସଂଯୋଗୀକରଣରେ ଜୀବ ସୃଷ୍ଟି । ଯେଉଁ ଦାର୍ଶନିକଗଣ ପ୍ରକୃତି ଠାରୁ ଆତ୍ମାର ବା ବ୍ରହ୍ମର ସ୍ୱତନ୍ତ୍ର ସତ୍ତାକୁ ସ୍ୱୀକାର କରନ୍ତି ସେମାନଙ୍କୁ ଆତ୍ମବାଦୀ କହନ୍ତି । ଯେଉଁମାନେ ଆତ୍ମା ସ୍ୱତନ୍ତ୍ର ବସ୍ତୁ ନୁହେଁ ପ୍ରକୃତିର ଜଡ଼ ସଂଯୋଗୀକରଣର ବିକାର ଚେତନା ବୋଲି ଗ୍ରହଣ କରନ୍ତି ସେମାନେ ଆତ୍ମବାଦୀ । ଏଇଜଡ଼ବାଦୀଙ୍କ ମତରେ 'ଭସ୍ମୀଭୂତସ୍ୟ ଶରୀର ପୁନରାଗମନ କୁତଃ ? ମତବାଦ ପ୍ରତିଷ୍ଠା କରନ୍ତି । ତେବେ ଜାତିସ୍ମର ଘଟଣାମାନ, ଅଶରୀରିର ଆବାହନ, ସମାନ ମଣିଷ ମଧରେ ଦିବ୍ୟଶକ୍ତି ଓ ନୀଚଗତିର ସ୍ମରଣ, ସର୍ବୋପରି ଶରୀର ମଧରେ ଜୀବାତ୍ମାକୁ ଧରି ନ ପାରିବା ଅର୍ଥାତ୍ ମଲା ଲୋକକୁ ସବୁ ପ୍ରକାରର ବୈଜ୍ଞାନିକ ସାଧନ ସତ୍ତ୍ୱେ ବଞ୍ଚାଇବା ସମ୍ଭବ ନ ହେବା ପରିପ୍ରେକ୍ଷୀରେ ଅନାତ୍ମ୍ୟବାଦୀଙ୍କ ମତ ସବୁ ପିଲାଳିଆ ବୋଧ ହୋଇଥାଏ । ଅନ୍ୟ ପକ୍ଷରେ ଆତ୍ମବାଦୀ ଗଣଙ୍କର ଯୁକ୍ତି ଯୁକ୍ତ ଓ ସଂଗତ ଭାବରେ ଶାସ୍ତ୍ରାନୁମୋଦିତ ହୋଇ ଭାରତୀୟ ବିଚାରଧାରା ଭାବରେ ସମଗ୍ର ବିଶ୍ୱରେ ପ୍ରସାରିତ ହୋଇ ସର୍ବୋପରି ମାନ୍ୟତା ଲାଭ କରିଅଛି । ଭାରତୀୟ ଶାସ୍ତ୍ରରେ ଏହି ଅନାତ୍ମବାଦ ମତବାଦ 'ଚାର୍ବାକ ଦର୍ଶନ' ଭାବେ ସ୍ୱୀକୃତ ଓ ଏହାର ପ୍ରତିଷ୍ଠାତା ବୃହସ୍ପତି ନାମକ ବିଦ୍ୱାନ ଓ ଚାର୍ବାକ ଋଷି ଅଟନ୍ତି । ଏହାଙ୍କ ପରେ ପରେ ମହାନ୍ ଆତ୍ମ ତତ୍ତ୍ୱାନୁଶୀଳନ ସିଦ୍ଧ ସାଧଗଣ ଏହି ମତବାଦର ସମ୍ୟକ ଖଣ୍ଡନ ପୂର୍ବକ 'ଆତ୍ମବାଦୀ' ଦର୍ଶନ ପ୍ରତିଷ୍ଠା କରି ଯାଇଛନ୍ତି ।

ଯଦିଓ ପ୍ରକୃତି, ଜୀବ ଓ ବ୍ରହ୍ମ ଏଇତିନି ଅର୍ଥରେ ଆମେ ଆତ୍ମା ଶବ୍ଦ ବ୍ୟବହାର ହୋଇଥିବା ଦେଖିବାକୁ ପାଇଥାଉ ଯଥା ପ୍ରକୃତି ଓ ଆତ୍ମାର ଏକାର୍ଥ ନିତାନ୍ତ ଅନ୍ତଃଶୂନ୍ୟ ଶ୍ରୁତି ଅନୁସାରେ କାର୍ଯ୍ୟୋପଧିରୟଂ ଜୀବଃ ଅର୍ଥାତ୍ ପ୍ରକୃତି ବା ମାୟାଜଡ଼ିତ ପରିଣାମ ସ୍ୱରୂପ ସ୍ଥୁଳ ଓ ସୂକ୍ଷ୍ମ ଶରୀର ଘେନି ଆମବା ଜୀବ ବୋଲି କଥିତ ହୁଏ । ଅନ୍ୟଥା ଏହା ଅୟମାତ୍ମାବ୍ରହ୍ମ ଏହି ଆତ୍ମା ବ୍ରହ୍ମ ଭାବରେ ସ୍ୱୀକୃତ । ପଦ୍ମ ପୁରାଣରେ ଅନାତ୍ମବାଦୀ ମତ ବା ଚାର୍ବାକ ମତ ଅସୁରଗଣଙ୍କୁ ଉଦବୁଦ୍ଧ କରି ଧ୍ୱଂସପଥକୁ ନେଇ ଯିବାକୁ ଋଷିଗଣ ସୃଷ୍ଟି କରିଥିଲେ ବୋଲି ଉଲ୍ଲେଖ ଅଛି । ବୈଶେଷିକ ଦର୍ଶନରେ ଆତ୍ମାକୁ ଏକ ବସ୍ତୁ ଭାବରେ ଗ୍ରହଣ କରି ପ୍ରାଣ, ଅପାନ, ନିମେଷ ଉନ୍ମେଷ ଜୀବନ ମନ, ଗତି ଇନ୍ଦ୍ରିୟ ଓ ଅର୍ନ୍ତବିକାରକୁ ଆତ୍ମାର ଲିଙ୍ଗ ଭାବରେ ଗ୍ରହଣ କରାଯାଇଅଛି । ନ୍ୟାୟବାଦୀ ଗୌତମ ମୁନିଙ୍କ ମତରେ ଇଚ୍ଛା, ଦ୍ୱେଷ, ପ୍ରଯତ୍ନ, ସୁଖ, ଦୁଃଖ ଓ ଜ୍ଞାନ ହିଁ ଆତ୍ମାର ଲିଙ୍ଗ ଅଟେ । ଯଥା ଇଚ୍ଛା ଦ୍ୱେଷ, ପ୍ରଯତ୍ନ, ସୁଖ, ଦୁଃଖ, ଜ୍ଞାନାନ୍ୟାତ୍ମନୋ ଲିଙ୍ଗମ । ସାଂଖ୍ୟ ଶାସ୍ତ୍ର ଅନୁସାରେ ଆତ୍ମା ଏକ ଅକର୍ତ୍ତା ସାକ୍ଷୀଭୂତ ପ୍ରସଙ୍ଗ, ପ୍ରକୃତି ଠାରୁ ଭିନ୍ନ ଅତିନ୍ଦ୍ରିୟ ସତ୍ତା ଅଟେ । ଯୋଗ ଶାସ୍ତ୍ର କହେ ଆତ୍ମା ଅତିନ୍ଦ୍ରିୟ ପଦାର୍ଥ କିନ୍ତୁ ଉଦ୍ଦେଶ୍ୟମୂଳକ ହେତୁ କ୍ଲେଶ ଓ କର୍ମବିପାକ ଭୋଗ କରିଥାଏ । ମୀମାଂସା (ବୈଦିକ ସୀମାଂସା) ଅନୁସାରେ କର୍ମର କର୍ତ୍ତା ଓ ଫଳ ଭୋକ୍ତା ଏକ ସ୍ୱତନ୍ତ୍ର ଅତିନ୍ଦ୍ରିୟ ପଦାର୍ଥ । ପ୍ରଭାକର ନାମକ ସୀମାଂସାକାର ଓ କୁମାରିଲ ଭଟ୍ଟ ଉଭୟେ ଏହାକୁ ଅଜ୍ଞାନାଚ୍ଛିଦିତ ଶୁଦ୍ଧ ସତ୍ତା ବା ଅଜ୍ଞାନୋ ପହତ ଚୈତନ୍ୟ ମନେ କରନ୍ତି । ବୁଦ୍ଧଦେବଙ୍କ ଅନୁସାରେ 'ଆତ୍ମା ଏକ ଅନିର୍ବଚନୀୟ ପଦାର୍ଥ ଯାହାର ମତ ଅନୁସାରେ ଆତ୍ମା କର୍ମରକର୍ତ୍ତା, ଫଳ ଭୋକ୍ତା ଅଟେ ଓ ନିଜ କର୍ମାନୁସାରେ ବଧ, ବନ୍ଧନ, ମୋକ୍ଷ ପ୍ରାପ୍ତ ହେଉଥିବା ଅରୂପୀ ପଦାର୍ଥ ଅଟେ ।

ବେଦାନ୍ତରେ ନିତ୍ୟ, ଶୁଦ୍ଧ, ବୁଦ୍ଧ, ମୁକ୍ତ ସ୍ୱଭାବ ବ୍ରହ୍ମର ଅଂଶ ବିଶେଷ ହିଁ ଆତ୍ମା ରୂପେ ବିରାଜିତ ବୋଲି ପ୍ରତିପାଦନ କରାଯାଇଅଛି । ଭଗବାନ ଶ୍ରୀକୃଷ୍ଣ ଗୀତାରେ କହିଛନ୍ତି ମର୍ମବାଂଶୌଜୀବଲୋକ- ଜୀବଭୂତ ସନାତନଃ । ଏହି ତଥ୍ୟକୁ ଶ୍ରୁତିରେ ପ୍ରତିପାଦିତ କରାଯାଇଅଛି 'ଯ ଆତ୍ମନିତିଷ୍ଠନ୍ନାତ୍ମନୋଽନ୍ତରୌ ଯମାତ୍ମା ନ ବେଦୟତଃ । ଶରୀର ଆତ୍ମାନେମନ୍ତୋରେ । ଯମୟତି ସତ ଆତ୍ମାନ୍ତର୍ଯ୍ୟାମ୍ୟତଃ । ଅର୍ଥାତ୍ ଯାହା ଜୀବାତ୍ମାର ଅଭ୍ୟନ୍ତରରେ ଅଛି ଅଥଚ ଜୀବାତ୍ମା ତାକୁ ଜାଣିପାରେ ନାହିଁ । ସେହିଁ ଜୀବାତ୍ମାର ନିୟମନ କରିଥାଏ । ସେହି ସର୍ବାନ୍ତର୍ଯ୍ୟାମୀ ଅମୃତ ସତ୍ତା ହିଁ ଆତ୍ମା ଅଟେ । କଠୋପନିଷଦରେ ଧର୍ମରାଜ ନିୟମନ କରିଥାଏ । ସେହି ସର୍ବାନ୍ତର୍ଯ୍ୟାମୀ ଅମଅତ ସତ୍ତା ହିଁ ଆତ୍ମା ଅଟେ । କଠୋପନିଷଦରେ ଧର୍ମରାଜ ଯମରାଜ ଆତ୍ମାର ସ୍ୱରୂପ ବ୍ୟାଖ୍ୟାନ କରି କହନ୍ତି - 'ନ ଜାୟତ୍ରେ। ମିୟତେ ବା ବିପ୍ରଶ୍ଚି, ନ୍ନାୟଂ କୁତଶ୍ଚିନ୍ନ ବଭୁବ କଶ୍ଚିତ, ଜୌନିତ୍ୟଂ ଶାଶ୍ୱତୋଽୟଂ ପୁରାଣୌ, ନହନ୍ୟତେ ହନୀମାନେ ଶରୀରେ ।

ଏହି ଚୈତନ୍ୟ ସ୍ୱରୂପ ଆତ୍ମାର ଜନ୍ମ ବା ମରଣ ନାହିଁ । ଏହା କାହାଠାରୁ ଉତ୍ପନ୍ନ ହୁଏ ନାହିଁ କିମ୍ବା କାହାକୁ ଉତ୍ପନ୍ନ କରେ ନାହିଁ । ଏହା ଅଜନ୍ମା, ନିତ୍ୟ ଶାଶ୍ୱତ ଓ ସନାତନ ଅଟେ । ଶରୀର ମରିଗଲେ ମଧ ଏହା ମରେ ନାହିଁ । ତେଣୁ ଗୀତାରେ କୁହାଯାଇଛି ନୈନଂ ଛିଦ୍ୟନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ ନଚ୍ଲେଦୟନ୍ତ ଚ ଆ ପୋ ନ ଶୋଷାୟତି ମାରୁତଃ ଏଣୁ ଏହି ଆତ୍ମା ସଂସାର ପ୍ରତି ଆସକ୍ତି ରହିତ ହୋଇ ପରମାତ୍ମା ସହ ସଂଯୋଜିତ ହେଲେ ତାହାକୁ ମୋକ୍ଷ ନିର୍ବାଣ ବା କୈବଲ୍ୟ କୁହାଯାଏ । ଏହା ଆଉ ଫେରେ ନାହିଁ । ଜନ୍ମ ମରଣ ଚକ୍ରକୁ ଆତ୍ମାକୁ କୌଣସି ଅସ୍ତ୍ର ଭେଦ କରିପାରେ ନାହିଁ । ଜଳସିକ୍ତ କରି ପାରେ ନାହିଁ କିମ୍ବା ଅଗ୍ନିଦଗ୍ଧ କରି ପାରେ ନାହିଁ । ବାୟୁର ଶୋଷଣ ବା ଉତ୍ତ୍ୟନର ପ୍ରଭାବ ମଧ ଏହା ଉପରେ ପଡେ ନାହିଁ । ଏହି ଅଜର ଅମର ନିତ୍ୟ ସନାତନ ଶାଶ୍ୱତ ଆତ୍ମାର ଆକୃତି କିପରି ? ଏହା ଥାଏ କେଉଁଠି ? ଶାସ୍ତ୍ରରେ ଉଲ୍ଲେଖ ଅଛି ଅଣୋରଣୀୟାନ ମହତୋ ମହୀୟାନା ତ୍ମସ୍ୟଜର୍ନ୍ତେ ନିହିତୌ ଗୁହାୟାମ । ସୂକ୍ଷ୍ମରୁ ସୂକ୍ଷ୍ମତର ମହାନରୁ ମହାନତର (ମହତ୍ତର) ଏହି ଆତ୍ମା ଜୀବର ହୃଦୟ ଗୁମ୍ଫାରେ ବିଦ୍ୟମାନ ଅଟନ୍ତି । ଆତ୍ମାର ଲକ୍ଷଣ ଶାସ୍ତ୍ର ଗୁଡିକରେ ଆତ୍ମାର ପାଞ୍ଚ ଗୋଟି ଲକ୍ଷଣ ନିରୂପିତ ହୋଇଅଛି । ଯଥା ସତ୍, ଚିତ୍, ଆନନ୍ଦ, ମୋକ୍ଷ ଓ ଈଶନ । ଅର୍ଥାତ୍ ଆତ୍ମୋପଲବ୍ଧି ପ୍ରାପ୍ତ ହୋଇଥିବା ଶଙ୍କରାଚାର୍ଯ୍ୟଙ୍କ ଭଳି ବ୍ୟକ୍ତି କହିପାରେ ଅହଂବ୍ରହ୍ମୋସ୍ମି । ବେଦାନ୍ତରେ ମଧ କୁହାଯାଇଛି ଅହଂପଦଲକ୍ଷୀ ଅର୍ଥାତ୍ ଆତ୍ମା ଶରୀର, ମନ, ବୁଦ୍ଧି ସହ ସମ୍ବନ୍ଧ ନ ହେଲେ ସୁଦ୍ଧା ମୁଁ ମଧରେ ବ୍ୟଞ୍ଜିତ ହୋଇଥାଏ । ଏହାକୁ ଉପଲବ୍ଧି କରିବା ନିତାନ୍ତ କଷ୍ଟକର । ଏହା ଶରୀର, ମନ, ବୁଦ୍ଧିର ଅଗୋଚର ଅଥଚ ଶରୀର ସ୍ଥିତି ବାହାରେ ସ୍ଥିତି ଶୂନ୍ୟ, କର୍ତ୍ତା ଭାବରେ ଥାଇ ମଧ ଫଳ ଭୋକ୍ତା ନୁହେଁ । ଭାଗବତରେ ଏକ ସୁନ୍ଦର ରୂପକ ଯୋଗେ ଏହା ବ୍ୟାଖ୍ୟା କରାଯାଇଅଛି- ଏକସ୍ୟ ବୃକ୍ଷେ ସଯୁଜା ସଖିୟା ଦାସୁପର୍ଣ୍ଣା ନିବସନ୍ତି ଯଃ....

ଗୋଟିଏ ବୃକ୍ଷରେ ଦୁଇଟି ପକ୍ଷୀ ଜୀବ ଓ ଆତ୍ମା ଏକ ସଂଯୋଜିତ ହୋଇ ବାସ କରନ୍ତି ଜୀବ ସଂସାର ରୂପକ ବୃକ୍ଷର କର୍ମଫଳ (ପିପ୍ପଳ) ଆସ୍ୱାଦନ କରେ ମାତ୍ର ଅନ୍ୟଟି ଅର୍ଥାତ୍ ଆତ୍ମା କୌଣସି ଫଳ ଆସ୍ୱାଦନ କରି ନିରପେକ୍ଷ ରହିଥାଏ । ଏଠାରେ ଶରୀରକୁ ଏକ ପିପ୍ପଳ ବୃକ୍ଷ ସହିତ ତୁଳନା କରାଯାଇଅଛି । ଜଗନ୍ନାଥ ଦାସ ଭଗବତାନୁସାରେ -

ବୃକ୍ଷର ଆୟେଦେହ ଏକ ଫଳ  
ଯୋଡିଏ ଦୁଃଖ ସୁଖ ।  
ସତ୍ୱରଜସ ତମୋ ଗୁଣ  
ଏହାର ମୂଳଟି ପ୍ରମାଣ  
ଧର୍ମ ସଂପଦ କାମ ମୋକ୍ଷ  
ଏହାର ରସ ରସଟି ପ୍ରତ୍ୟକ୍ଷ ।

ଏହି ଶରୀର ରୂପୀ ବୃକ୍ଷରେ ଏକ ଶାଖାରେ ସଂଲଗ୍ନ (ସଂଯୁକ୍ତା ଦିଓଟି ପକ୍ଷୀ ମଧରୁ ଏକଫଳ ଭୋକ୍ତା ଓ ଅନ୍ୟଟି ଫଳଭୋକ୍ତା ନ ହୋଇ ନିର୍ବିକାର ଥାଏ । ଏହି ଫଳ ନିରାସକ୍ତ ପକ୍ଷୀଟି ଆତ୍ମା ଓ ଫଳ ଭୋଗୀ ପକ୍ଷୀ ଜୀବାତ୍ମା ଅଟେ । ନାୟମାତ୍ମା ପ୍ରବଚନେନ ଲଭ୍ୟ ନମେଧୟାନ ବହୁ ଧାଶ୍ରୁତେନ । ଏହି ଆତ୍ମା ବିଦ୍ୟା, ବୁଦ୍ଧି, ବେଦ, ପ୍ରବଚନ, ଶାସ୍ତ୍ରାନୁଶୀଳନରେ ମଧ ମିଳେ ନାହିଁ । ଏହା ଅଜ ନିତ୍ୟ, ଶାଶ୍ୱତ ଅଦୃଶ୍ୟ ଅଗମ ଅଗୋଚର ଅଟେ । ତେବେ ସତରେ କ'ଣ ଅତ୍ମୋପଲବ୍ଧି ଅସମ୍ଭବ ଅଟେ । କଠୋପନିଷଦରେ ୟାର ଉତ୍ତରରେ କୁହାଯାଇଛି- ଯମେ ବୈଷ୍ଣବୁଣୁତେ ତେନ ଲଭ୍ୟସ୍ତ ସୌଷ, ଆତ୍ମା ବିବୃଣୁତେ ତନୁସ୍ୟାମ । ଯାହାକୁ ଏହି ସ୍ୱୟଂ ପ୍ରକାଶ ଆମବା ସ୍ୱୟଂ ସ୍ୱୀକାର କରିନିଏ ସେ ଦିବ୍ୟଚେତନାରେ ଉଦଭାସିତ ହୋଇ ଶମଦମାଜି ଗୁଣଯୁକ୍ତ ହୋଇ ଶ୍ରବଣ ମନନ ନିତ୍ୟାଭ୍ୟାସନ (ଗଭୀର ଚିନ୍ତନ)ରେ ସର୍ବତ୍ର ଏକ ଆତ୍ମାକୁ ଦେଖି ପାରେ ସେହିଁ ଆତ୍ମସାକ୍ଷାତକାର ଲାଭକରେ । ସରଳ ଭାବରେ କହିବାକୁ ଗଲେ ଆତ୍ମାରୂପୀ ଈଶ୍ୱରଙ୍କ କୃପା ପ୍ରାପ୍ତ ହେଲେ ଆତ୍ମିକ ଚେତନା ଆସେ ଓ ପ୍ରାଣୀ ଆତ୍ମ ଭଗତିରେ ମଜ୍ଜି ପ୍ରଜ୍ଞାନ ଲାଭ କରେ । ଏହି ପ୍ରଜ୍ଞାନ ପ୍ରାପ୍ତି ଫଳ ସର୍ବତ୍ର ମୟିପଶ୍ୟତି, ଅର୍ଥାତ୍ ସବୁଠାରେ ପରମେଶ୍ୱର ରୂପୀ ପରମାତ୍ମାକୁ ଅନୁଭବ କରି ଗୀତାର ସ୍ଥିତଧୀଃ ଦୁଖେଷ୍ୱନୁଦବିଗ୍ନମନା ସୁଖେଷୁ ବିଗତ ସ୍ପୃହ ରହି ଲାଭଲାଭେ ଜୟା ଜୟୋ ସବୁକୁ ଏକ ବିଚାର କରି ଏପରିକି ଶୀତ ଉଷ୍ଣାଦି ସର୍ବୋତାପରେ ନିସ୍ପୃହ ରହି ଆତ୍ମାନନ୍ଦରେ ମଜ୍ଜିରହେ । ଏଭଳି ପୁରୁଷ ଆପଣା ମୃତ୍ୱେ ମଧରେ ପରମାତ୍ମାଙ୍କ ସଂଯୁକ୍ତ ହୋଇ ଶଙ୍କରାଚାର୍ଯ୍ୟଙ୍କ ପରି କହିପାରେ । ଅହଂବ୍ରହ୍ମୋସ୍ମି ।

**ବରପାଲି ପଡ଼ା, ବଲାଙ୍ଗୀର**

# ଶରୀର ପାଇଁ ଗ୍ରୀନ ବିନ୍‌ସ୍

ସାଧାରଣତଃ ଆଜିକାଲି ଲୋକମାନେ ଜିମ୍ ଯିବାକୁ ପସନ୍ଦ କରୁଛନ୍ତି । ଯଦି ଜିମ୍ ଯାଉଛନ୍ତି ତେବେ ବିନ୍ସ ଖାଇବା ଉଚିତ୍ । ଏକ ଗବେଷଣାରୁ ଜଣାପଡିଛି ଯେ ଜିମ୍ ଯାଉଥିବା ବ୍ୟକ୍ତି ଗ୍ରୀନ୍ ବିନ୍ସ ଖାଇବା ଉଚିତ୍ । ଏହି ଗ୍ରୀନ୍ ବିନ୍ସକୁ ଷ୍ଟ୍ରିଙ୍ଗ ବିନ୍ସ ମଧ କୁହାଯାଏ । ଏଥିରେ ଫାଇବର, ଭିଟାମିନ୍, ଖଣିଜ ଓ



ଖୁବ୍ କମ୍ କାର୍ବୋହାଇଡ୍ରେଟ୍ସ ରହିଛି । ଖାଲି ସେତିକି ନୁହେଁ ଏଥିରେ ମଧ ପ୍ରୋଟିନ୍, କ୍ୟାଲସିୟମ୍, ଫାଇବର ଆଇରନ୍ ଏବଂ ଆହୁରି ମଧ ବହୁ ଆବଶ୍ୟକୀୟ ପୋଷକ ତତ୍ତ୍ୱ ରହିଛି । ଯାହା ମସଲ୍ସକୁ ବଢ଼ାଇବା ସହିତ ମଜବୁତ କରିଥାଏ । ବିନ୍ସରେ ମଧ ଆଣ୍ଟିଅକ୍ସିଡାଣ୍ଟର ପ୍ରଚୁର ପରିମାଣରେ ରହିଛି । ଯାହା ହୃଦଘାତକୁ କମ୍ କରିବାରେ ଗବେଷକମାନଙ୍କ ମତରେ ଯେଉଁମାନେ ଜିମ୍ ଯାଉଛନ୍ତି ସେମାନଙ୍କ ପାଇଁ ବିନ୍ସ ଉପଯୋଗୀ କାରଣ ଏହା ହାଡ଼କୁ ମଜବୁତ୍ କରେ । ବିନ୍ସରେ କ୍ୟାଲସିୟମ୍ ପ୍ରଚୁର ମାତ୍ରାରେ ରହିଥିବାରୁ ହାଡ଼କ୍ଷୟ ହୁଏ ନାହିଁ । ବିନ୍ସରେ ଭିଟାମିନ୍ ଏ, କେ, ସି ସିଲଇକନ୍ ମଧ ରହିଛି । ଏହା ଡାଇବେଟିସ୍ ଆଶଙ୍କା ମଧ କମ୍ କରେ । ଏଥିରେ ଅଧିକ ମାତ୍ରାରେ ଡାଏଟ୍ରି ଫାଇବର୍ସ୍ ଏବଂ କାର୍ବୋ ହାଇଡ୍ରେଟ୍ ମିଳୁଥିବାରୁ ଡାଇବେଟିସ୍ ରୋଗୀଙ୍କ ପାଇଁ ଏହା ଭଲ । ଏହା ମଧ କ୍ୟାନସରରୁ ରକ୍ଷା କରିଥାଏ । ଏକ ଗବେଷଣାରୁ ଜଣାପଡିଛି ଗ୍ରୀନ ବିନ୍ସ କୋଲୋନ କ୍ୟାନସରକୁ କମ୍ କରିଥାଏ ।

## ଆଜିର ଚିନ୍ତନ

ନିଜ ପ୍ରଜାମାନଙ୍କ କଲ୍ୟାଣ ପାଇଁ ଜଣେ ରାଜା ରାଜଧାନୀ ଉପକଣ୍ଠରେ ବଡ଼ ହାଟଟାଏ ବସାଇଲେ । ନିୟମ କଲେ ପ୍ରତିଦିନ ଜନଗଣଙ୍କ କିଣାବିକା ପରେ ଯେତେ ଯାହା ଅବିକ୍ରୀ ରହିବ, ସେ ସବୁ ସେ ନିଜେ କିଣିନେବେ । ଚାଷୀ ଓ ବେପାରୀମାନେ ରାଜାଙ୍କର ଜୟ ଜୟକାର କଲେ । ବିକ୍ରୟ ନ ହୋଇପାରିବା ପଣ୍ୟ ପାଇଁ କେହି କ୍ଷତି ସହିଲେ ନାହିଁ । ଏମିତି କିଛିଦିନ ପରେ କୁମ୍ଭାରୁଣୀ ବୁଢ଼ୀଟିଏ ଏକ ମାଟି କଣ୍ଢେଇ ଧରି ରାଜାଙ୍କ ପାଖରେ ପହଞ୍ଚିଲା ଓ କହିଲା, ମହାରାଜ ! ପେଟ ପୋଷିବା ପାଇଁ ମାଟିରେ ପିତୁଳା ତିଆରି କରି ହାଟରେ ବିକୁଥିଲି । ଆଜି କିନ୍ତୁ ଏଇ ପିତୁଳାକୁ ଅଲକ୍ଷ୍ମୀ ମୂର୍ତ୍ତି କହି କେହି ଗରାଖ ନ ନେବାରୁ ଆପଣଙ୍କ ପାଖକୁ ନେଇ ଆସିଛି । ରାଜା ଦେଖିଲେ ବୁଢ଼ୀ ହାତରେ ଅଲକ୍ଷ୍ମୀ ମୂର୍ତ୍ତିଟିଏ । ଦାରିଦ୍ର୍ୟର ପ୍ରତୀକ ଏଭଳି ପିତୁଳାକୁ କିଏ ବା କାହିଁକି କିଣନ୍ତା ! ଅତଏବ ହାଟର ବିଧାନ ଅନୁଯାୟୀ ରାଜା ସେଇ ମୂର୍ତ୍ତିଟି ରଖି ବୁଢ଼ୀକୁ ତା'ର ମୂଲ୍ୟ ଦେଇ ବିଦା କରିଦେଲେ ।

ସେଇ ରାତିରେ ରାଜାଙ୍କ ଶୟନକକ୍ଷରେ ନାରୀ ପାଦର ରୁଣୁଝୁଣୁ ଶବ୍ଦରେ ରାଜାଙ୍କ ନିଦ ଭାଙ୍ଗିଗଲା । ସେ ଦେଖିଲେ ଦେବୀ ଭଳି ଦିଶୁଥିବା ନାରୀ ଜଣେ ତାଙ୍କ କକ୍ଷରୁ ନିକ୍ରାନ୍ତ ହୋଇ ଚାଲି ଯାଉଛନ୍ତି । ରାଜା ତାଙ୍କୁ ପରିଚୟ ମାଗିଲାରୁ ସେ କହିଲେ, ମୁଁ ଲକ୍ଷ୍ମୀ । ତୁମ ଉପରେ ପ୍ରସନ୍ନ ହୋଇ ତୁମ ସହ ରହୁଥିଲି । ଏବେ ତୁମେ ଅଲକ୍ଷ୍ମୀକୁ ଘରେ ରଖିଲ ଯେ ଗୋଟିଏ ଘରେ ଲକ୍ଷ୍ମୀ ଅଲକ୍ଷ୍ମୀ ସାଙ୍ଗ ହୋଇ ରହିପାରିବେନି । ଚାଲିଲି । ଲକ୍ଷ୍ମୀ ଚାଲିଗଲେ ରାଜଗୃହ ତ୍ୟାଗ କରି । ପରେ ପରେ ସେଇ ରାତି ମଧରେ ନାରାୟଣଙ୍କ ସମେତ ଭାଗ୍ୟଲକ୍ଷ୍ମୀ, ବିଜୟ ଲକ୍ଷ୍ମୀ ଆଦି ବହୁ ଦେବଦେବୀ ରାଜାଙ୍କୁ ଛାଡ଼ି ଚାଲିଗଲେ । ସମସ୍ତଙ୍କର ସେଇ ଏକା ଅଭିଯୋଗ– ଯେଉଁ ଘରେ ଅଲକ୍ଷ୍ମୀର ଅବସ୍ଥାନ, ସେ ଘରେ କେହି ରହିପାରିବେ ନାହିଁ । ରାଜା ଦୁଃଖିତ ହେଲେ ମଧ ବିଚଳିତ ହେଲେନାହିଁ ।

ସବା ଶେଷରେ, ରାତିର ଶେଷ ପ୍ରହରକୁ ଅନ୍ୟ ଜଣେ ଦିବ୍ୟ ପୁରୁଷ ତାଙ୍କୁ ତ୍ୟାଗ କରି ଚାଲିଯାଉଥିବା ଦେଖି ରାଜା ତାଙ୍କୁ ପରିଚୟ ମାଗି ଜାଣିଲେ ଯେ, ସେ ହେଉଛନ୍ତି ଧର୍ମ । ଏଥର ରାଜା ନୀରବ ରହିପାରିଲେ ନାହିଁ ଓ ସେ ଏହାର ପ୍ରତିବାଦ କଲେ । କହିଲେ, ମୋତେ ତ୍ୟାଗ କରି ସମସ୍ତେ ଚାଲିଗଲେ ମଧ ଆପଣ ଯାଇପାରିବେ ନାହିଁ । ଆପଣ ପରା ଧର୍ମ କେବଳ ଆପଣଙ୍କୁ ରକ୍ଷା କରିବା ପାଇଁ ଗରିବ ବୁଢ଼ୀଟିଠାରୁ ଅଲକ୍ଷ୍ମୀ ମୂର୍ତ୍ତି କିଣି ମୋର ରାଜଧର୍ମ ପାଳନ କରିଛି । ଯେଉଁ ଧର୍ମର ରକ୍ଷା ପାଇଁ ସମସ୍ତେ ମୋତେ ତ୍ୟାଗ କରି ଚାଲିଗଲେ, ସେଇ ଧର୍ମ ମୋତେ ତ୍ୟାଗ କରିବେ କେମିତି ? ରାଜାଙ୍କ ଯୁକ୍ତିର ମର୍ମ ବୁଝିଲେ ଧର୍ମ ଓ ତାଙ୍କୁ ଛାଡ଼ି ଯାଇପାରିଲେ ନାହିଁ । ପରେ ପରେ ରାତି ପାହିବା ପୂର୍ବରୁ ଫେରି ଆସିଲେ ଲକ୍ଷ୍ମୀ, ନାରାୟଣ ଆଦି ଯେତେ ସବୁ ଦେବଦେବୀ । କହିଲେ- ଧର୍ମ ଯେଉଁଠି ଆମେ ସମସ୍ତେ ବି ସେଇଠି । ଧର୍ମର ଜୟ ହେଲା । ଜୟ ହେଲା ରାଜଧର୍ମ ପାଳନ କରିଥିବା ରାଜାଙ୍କର ।

# ମଲ୍ଲୀଫୁଲ ଦ୍ୱାରା ଉପକାର



ମଲ୍ଲୀଫୁଲ ତାର ବାସ୍ନା ସହିତ ଅନେକ ବେମାର ପାଇଁ ଉପଯୋଗୀ ହୋଇଥାଏ । ଆୟୁର୍ବେଦ ଅନୁସାରେ ମଲ୍ଲୀଫୁଲ ସ୍ୱାଦରେ ପିତା ଓ କଷା । ଏହା କଫ ଓ ପିତ୍ତ ନାଶକ ହୋଇଥାଏ । ଏହାର ଉପର ବହୁତ ରହିଛି ।

ଚେହେରାରେ ନିୟମିତ ରୂପରେ ମଲ୍ଲୀଫୁଲର ରସ ଲଗାଇଲେ ଚମକ ଆସେ ।

ମଲ୍ଲୀଫୁଲର ଡେଙ୍ଗ ଓ ମିଶ୍ରୀ ସମାନ ପରିମାଣରେ ମିଶାଇ ଆଖିରେ ଲଗାଇଲେ କ୍ଲାନ୍ତି ଦୂର ହୁଏ ।

ମଲ୍ଲୀଫୁଲକୁ ବାଟି ଲେପ ତିଆରି କରି କୁଣ୍ଢେଇ ହେବା ବା ଆଲର୍ଜି ସ୍ଥାନରେ ଲଗାଇଲେ ସ୍କିନକୁ ଆରାମ ମିଳିଥାଏ । ଅର୍ଶ ହୋଇଥିଲେ, ମଲ୍ଲୀ, ବର ଓ ଗିଲୋୟର ପତ୍ରକୁ ବାଟି ଶୁଣ୍ଠି, ସୈନ୍ଧବ ଲବଣ ଓ ଗୁଚ୍ଛ ସହିତ ପିଇଲେ ଲାଭ ମିଳିଥାଏ ।ହୋଇଥାଏ ।

ବର୍ଷ ୨୮, ସଂଖ୍ୟା - ୨୦, ୧୯ - ୨୫ ମଇ ୨୦୨୪

# ସରକାର ଲୋକଙ୍କ କଥା ଚିନ୍ତାକରନ୍ତୁ

ବର୍ତ୍ତମାନ ଦେଶରେ ନିର୍ବାଚନ ସମୟ ଓ ଦେଶ ସଂପ୍ରତି ଏକ ସ୍ପର୍ଶକାତର ସମୟ ଦେଇ ଗତି କରୁଛି । ବର୍ତ୍ତମାନର ସମାଜରେ କିଛିଟା ସାଂପ୍ରଦାୟିକତା, କିଛିଟା ଧ୍ରୁବୀକରଣ ଓ କିଛିଟା ହିଂସା ଅନୁଭୂତ ହେଉଥିବାରୁ ସାଧାରଣ ଲୋକେ ବିପଦ ଦେଖୁଛନ୍ତି । ନିର୍ବାଚନ ପରିଣାମ କ'ଣ ହେବ, ଏ ଦେଶ କେଉଁ ମାର୍ଗ ଧରିବ, ତାହା ଅତି ନିକଟ ଭବିଷ୍ୟତରେ ଜଣାପଡ଼ିଯିବ । ସମାଜରେ ଅଲଗା ଅଲଗା ଚିନ୍ତା କରୁଥିବା ଲୋକ ରହିଛନ୍ତି ଓ ଏହା ସ୍ୱାଭାବିକ ଯେ ଗୋଟିଏ ଚିନ୍ତାଧାରାର ଲୋକ ଅନ୍ୟ ଚିନ୍ତାଧାରାର ଲୋକଙ୍କୁ ଭୁଲ ବୁଝିବେ ଓ ଏହା ଏକ ଗଣତନ୍ତ୍ରରେ ରହିବ ହିଁ ରହିବ । ଯେଉଁ ବିଚାରଧାରାକୁ ସଂଖ୍ୟାଧିକ ଲୋକ ସମର୍ଥନ କରିବେ, ପସନ୍ଦ କରିବେ ସେହି ବିଚାରଧାରାର ସରକାର ଦେଶରେ ଗଠିତ ହେବ । ବର୍ତ୍ତମାନ ପରିସ୍ଥିତିରେ କୌଣସି ଦେଶରେ ଯେଉଁଠି ଗଣତନ୍ତ୍ର ରହିଛି ଏପରି କୌଣସି ସରକାର ଗଠିତ ହୋଇପାରିବନି ଯାହାକୁ ସମସ୍ତ ଲୋକ ପସନ୍ଦ କରିବେ । ଏହା ଅସମ୍ଭବ । କୌଣସି ନା କୌଣସି ଏକ ଶ୍ରେଣୀର ଲୋକ ରହିବେ ଯେ କହିବେ ଯେ ଭୁଲ୍ ସରକାର ଗଠିତ ହୋଇଗଲା ଓ ସେମାନେ ବିରୋଧୀ ହୋଇ ରହିବେ ।

ଗଣତନ୍ତ୍ରରେ ଭିନ୍ନ ଭିନ୍ନ ବିଚାରଧାରାର ରାଜନୈତିକ ଦଳ ରହିବା ଯେତିକି ଆବଶ୍ୟକ ଠିକ୍ ସେତିକି ଜରୁରୀ ଏକ ସ୍ୱାଧୀନ ଗଣମାଧ୍ୟମ ଓ ସ୍ୱାଧୀନ ନାଗରିକ ମଧ୍ୟ । ସ୍ୱାଧୀନ ଗଣମାଧ୍ୟମ ବା ନାଗରିକ ଅର୍ଥ ସେମାନେ କୌଣସି ଗୋଟିଏ ପକ୍ଷରେ ରହିବେ ନାହିଁ ଓ ସେମାନଙ୍କୁ ଯେଉଁ କଥା ଭଲ ଲାଗିବ ତାହା ଠିକ୍ ବୋଲି କହିବେ ଓ ଯାହା ଖରାପ ଲାଗିବ ତାହା ଖୋଲାଖୋଲି ଭାବେ ଖରାପ ବୋଲି କହିବେ । ଯଦି ଗଣମାଧ୍ୟମ ଅଥବା ସାଧାରଣ ନାଗରିକ କୌଣସି ଏକପକ୍ଷରେ ରହିଯିବେ ତେବେ ପୂରା ସତ କହିପାରିବେ ନାହିଁ ।

ପ୍ରକୃତ ସତ କ'ଣ ତାହା କୌଣସି ବି ରାଜନୈତିକ ଦଳ ସାଧାରଣତଃ କୁହନ୍ତି ନାହିଁ । ତାଙ୍କୁ ଯାହା ସୁହାଉଥିବ ସବୁବେଳେ ସେହି କଥା ହିଁ କହିବେ । ତେଣୁ ସମାଜରେ ଏପରି ନାଗରିକ ରହିବା ବହୁତ ଆବଶ୍ୟକ ଯେଉଁମାନେ ଅବାଧ, ମୁକ୍ତ ଓ ସ୍ୱାଧୀନ ହୋଇଥିବେ ଓ କୌଣସି ରାଜନୈତିକ ଦଳର ଶୃଙ୍ଖଳା ମଧ୍ୟରେ ନଥିବେ ତଥା ଯେଉଁ ବିଷୟରେ ତାଙ୍କର ମତାମତ ଯାହା ଥିବ ଅବିକଳ ସେହି ମତାମତ ହିଁ ପ୍ରକାଶ କରିବେ । ଆଜିକାଲି ପ୍ରାୟତଃ ବହୁଳ ଭାବେ ଲୋକେ ଅନୁଭବ କରୁଛନ୍ତି ଯେ ସମାଜରେ ରାଜନୀତି ଜରିଆରେ ଅଧିକ ଘୃଣା ଆସୁଛି ଯାହାଫଳରେ ଭିତରେ ଭିତରେ ଆମ ଦେଶ ଦିନକୁ ଦିନ ଅଧିକରୁ ଅଧିକ ବିଭାଜିତ ହେଉଛି । ଅବଶ୍ୟ ଏହା ସାମୟିକ ଓ ତୁରନ୍ତ ଲାଭ ଉଠାଇବା ପାଇଁ ଏ ପ୍ରକାର କାର୍ଯ୍ୟ କରାଯାଇଥାଏ । କିନ୍ତୁ ଏହି ଅଳ୍ପଦିନିଆ ନୀତିରେ ହୁଏତ କାମ ହୋଇଯାଇପାରେ କିନ୍ତୁ ଏହା ଫଳରେ ଯେଉଁ ବିଷ ଜନଜୀବନରେ ବ୍ୟାପେ ତାହା କିନ୍ତୁ ସମାଜରେ ବହୁତ ଦିନଯାଏଁ ରହେ ଯାହା ଆଦୌ ଭଲ କଥା ନୁହେଁ ।

ଗଣମାଧ୍ୟମର ସ୍ୱାଧୀନତା କଥା ଉଠିଲେ ଗୋଦିମିଡିଆ, ଦରବାରୀ ମିଡିଆ ଆଦି ଆଖ୍ୟା ଦେଇ ବିରୋଧୀ ଦଳଗୁଡ଼ିକ ପ୍ରାୟତଃ ଅଭିଯୋଗ କରୁଛନ୍ତି । ବିରୋଧୀ ଦଳ ବିଷୟରେ ଗଣମାଧ୍ୟମ ଯେତିକି ଖବର ପ୍ରକାଶିତ କରିବା କଥା ତାହା ନକରୁଥିବାର ଅଭିଯୋଗ ବାଢୁ ଛନ୍ତି । ଅଧିକାଂଶ ବଡ଼ ବଡ଼ ଚାନେଲ ଓ ପ୍ରିଣ୍ଟ ମିଡିଆ ଏକେ ତ ସରକାରଙ୍କ ସପକ୍ଷରେ ରହୁଛନ୍ତି ଅଥବା ସରକାରଙ୍କୁ ଡରୁଛନ୍ତି ବୋଲି ବିରୋଧୀ ଦଳ ଅସନ୍ତୁଷ୍ଟ । ବିରୋଧୀ ଦଳଗୁଡ଼ିକର ଆଉ ଏକ ବଡ଼ ଅଭିଯୋଗ ହେଲା ଆମର ଅନେକ ଗଣତାନ୍ତ୍ରିକ ଅନୁଷ୍ଠାନଙ୍କ ନିଷ୍ପକ୍ଷତା ନେଇ । ଏହାର ଅର୍ଥ କ'ଣ ଆମେ ଏହା ବୁଝିବା ଯେ ଆମ ଗଣତନ୍ତ୍ର କାହାଦ୍ୱାରା ନିୟନ୍ତ୍ରିତ ହେଉଛି ଓ ଯେପରି କାର୍ଯ୍ୟ କରିବା କଥା ସେପରି କରୁନାହିଁ ।

ଯେକୌଣସି ବିଷୟରେ ଆମର ସ୍ୱାଧୀନ ମତବ୍ୟକ୍ତ କରିବାର ଅଧିକାର ଉପରେ ମଧ୍ୟ ପ୍ରଶ୍ନ ଉଠୁଛି । ଆମ ଦେଶର ଏକ ଉଚ୍ଚ ପରମ୍ପରା ହେଲା ପ୍ରତ୍ୟେକ ନାଗରିକଙ୍କ ମତକୁ ସମ୍ମାନ ଦିଆଯାଏ । ଏପରିକି ସାଢ଼େ ତିନିହଜାର ବର୍ଷ ତଳେ ଚାର୍ବାକ ନାମକ ଜଣେ ଋଷିଙ୍କ ଦ୍ୱାରା ଏକ ଆନ୍ଦୋଳନ ହୋଇଥିଲା ଓ ଲୋକେ ନାସ୍ତିକ ଥିଲେ । ସେମାନେ କୌଣସି ପ୍ରକାର ଈଶ୍ୱର, ଭଗବାନ, ମୃତ୍ୟୁପର ଜୀବନ, ପୁନର୍ଜନ୍ମ ଆଦିରେ ବିଶ୍ୱାସ ରଖୁନଥିଲେ । ଚାର୍ବାକ ଖୋଲାଖୋଲି ସେକଥା କହୁଥିଲେ, ଲୋକେ ତାଙ୍କ କଥା ଶୁଣୁଥିଲେ ଓ ସମ୍ମାନ ଦେଉଥିଲେ । ସେତେବେଳେ କେହି ତାଙ୍କୁ ଫାଶୀ ଦେଇନଥିଲେ । ତାଙ୍କୁ ମଧ୍ୟ ଇଜ୍ଜତରେ ଦେଖାଯାଉଥିଲା । ଆମ ହିନ୍ଦୁ ସମାଜରେ ହଜାର ହଜାର ବର୍ଷ ଧରି ଏହି ସହନଶୀଳତା ରହିଛି, ଏହା କଳ୍ପନା କରାଯାଇଛି ଯେ ଅଲଗା ଅଲଗା ବିଚାରଧାରାର ଲୋକେ ରହିବେ, ସେମାନଙ୍କ ଚିନ୍ତାଧାରା ମଧ୍ୟ ଭିନ୍ନ ଭିନ୍ନ ହେବ । ସେମାନଙ୍କ କାର୍ଯ୍ୟଶୈଳୀରେ ମଧ୍ୟ ପାର୍ଥକ୍ୟ ସ୍ୱାଭାବିକ ଭାବେ ରହିବ ଓ ତାହାହିଁ ଆମ ସମାଜର ବିଶେଷତା ଓ ଅନନ୍ୟତା ଯାହାକୁ ବୌଦ୍ଧିକ ରୀତିରେ, ଯୁକ୍ତି ଆଧାରରେ ଓ ବୈଜ୍ଞାନିକ ପଦ୍ଧତିରେ ଆମେ ବିକଶିତ କରିଛେ ଏବଂ ତାହା ହିଁ ଆମକୁ ଗଣତନ୍ତ୍ର ଦେଇଛି ଧର୍ମନିରପେକ୍ଷତା । ଗଣତନ୍ତ୍ର ଆମେ କେବଳ ବିଗତ ୭୫ବର୍ଷ ହେଲା ପାଇନେ । ଗଣତନ୍ତ୍ର ଆମ ମିଜାଜରେ, ଆମ ଧମନୀରେ, ରକ୍ତରେ ଓ ଅସ୍ଥିମଜ୍ଜାରେ ରହିଛି । ସ୍ୱାଧୀନତା ପରେ ଆମେ ଗଣତନ୍ତ୍ରକୁ ଅତି ସହଜରେ ଗ୍ରହଣ କରିନେଲେ, କାରଣ ଆମେ ଗଣତାନ୍ତ୍ରିକ ଶାସନ ପଦ୍ଧତି ଛଡ଼ା ଅନ୍ୟ କୌଣସି ପ୍ରକାର ଶାସନ ପଦ୍ଧତିକୁ ଗ୍ରହଣ କରିପାରି ନ ଥାନ୍ତେ । ଆମେ ଜାଣିଥିଲେ ଯେ ଦୁନିଆରେ ଭିନ୍ନ ଭିନ୍ନ ପ୍ରକାର ଲୋକ ରହିବେ ହିଁ ରହିବେ ଓ ସ୍ୱାଭାବିକ ଭାବେ ତାଙ୍କ ଚିନ୍ତାଧାରା ମଧ୍ୟ ଅଲଗା ଅଲଗା ହେବ । କିନ୍ତୁ ଦୁଃଖର କଥା, ଆମର ଏହି ବିଶେଷ ଗୁଣଟି ଧୀରେ ଧୀରେ କମ୍ ହେଉଥିବାର ପରିଲକ୍ଷିତ ହେଉଛି ।

ସଂପ୍ରତି ଆମ ଦେଶର ସବୁଠାରୁ ବଡ଼ ବିପଦ ହେଲା ସମାଜରେ ସହନଶୀଳତା କମିଯାଉଛି, ଭାଷାରେ ଶାଳୀନତା ରହୁ ନାହିଁ । ମନର କଥା କହିବାକୁ, ଭାଷା ଅଭାଷା ପ୍ରୟୋଗ କରିବା କ'ଣ ନିହାତି ଆବଶ୍ୟକ ? ସଭ୍ୟତାର ପରିସୀମା ମଧ୍ୟରେ ମଧ୍ୟ ଆମେ କଥା କହିପାରିବା । ଦେଶରେ ଯେଉଁ ପ୍ରକାର ବୟାନବାଜି ହେଉଛି ତହିଁରୁ ଅନୁଭବ ହେଉଛି ନିର୍ବାଚନ ବେଳେ ଜାରି ହୋଇଥିବା ଆଦର୍ଶ ଆଚରଣ ସଂହିତା ନେତାଙ୍କ ପ୍ରତି ନୁହେଁ, କେବଳ ଆମ ପରି ସାଧାରଣ ଜନତାଙ୍କ ପାଇଁ ଉଦ୍ଦିଷ୍ଟ ।

ଆମେ ରାଜନୀତିକୁ ଅନୁଧ୍ୟାନ କରୁଛେ, ବ୍ୟାଖ୍ୟା କରୁଛେ । ଦେଶକୁ ମଧ୍ୟ ଆମ ଦୃଷ୍ଟିରେ ଦେଖୁଛେ, ଦେଶରେ କ'ଣ ହେଉଛି ଓ କ'ଣ ନ ହେଉଛି ସେଥପ୍ରତି ମଧ୍ୟ ନଜର ରଖୁ । ଆମ ଦେଶର ଲୋକେ ବହୁତ ଗମ୍ଭୀର ପ୍ରକୃତିର ହେବା ସଙ୍ଗେ ସଙ୍ଗେ ବହୁତ ଗଭୀର ନିରବତା ରକ୍ଷା କରିଥାନ୍ତି ଓ ସବୁବେଳେ ତାସର ଶେଷ କାର୍ଡଟିକୁ ନିଜ ହୃଦୟରେ ଚାପି ରଖୁଥାଆନ୍ତି । ଲୋକଙ୍କ ହୃଦୟରେ ପ୍ରକୃତରେ କ'ଣ ରହିଛି ସେନେଇ କୌଣସି ଅନ୍ଦାଜ ସହଜରେ କରିହୁଏନାହିଁ । ନିର୍ବାଚନ ଫଳାଫଳ କ'ଣ ହେବ କେହିବି ଆକଳନ କରିପାରିବେନି । କିନ୍ତୁ ଏହା ଅନୁଭୂତ ହେଉଛି ଯେ, ଆମ ଗଣତନ୍ତ୍ର କିଛିଟା ବିକ୍ଷିପ୍ତ ଓ କିଛିଟା ବିଶୃଙ୍ଖଳିତ ହେବାରେ ଲାଗିଛି, ପରସ୍ପର ମଧ୍ୟରେ ଆମର ଯେଉଁ ସୁସମ୍ପର୍କ ରହିଥିଲା ତାହା ମଧ୍ୟ କିଛି ମାତ୍ରାରେ ବିକ୍ଷିପ୍ତ ଅବସ୍ଥାରେ ରହିଛି । କିନ୍ତୁ ଏହା ବେଶୀଦିନ ରହିବନାହିଁ । ଏ ଦେଶ ଅତୀତରେ ଅନେକ ଥର ବିକ୍ଷିପ୍ତ ହୋଇ ପୁଣି ଏକତ୍ର ଓ ବିକଶିତ ହୋଇଛି । ଆଉରଙ୍ଗଜେବ ୫୨ବର୍ଷ ଧରି ଓ ଇଂରେଜ ୨୦୦ବର୍ଷ ଧରି ଶାସନ କରି ଏ ଦେଶର କ'ଣଟା ବିଗାଡ଼ିଦେଲେ । ଓଲଟା ସେମାନେ ଆଜି ଇତିହାସର କେଉଁ ଏକ ମୂଲ୍ୟହୀନ କୋଣରେ ପଡ଼ିରହିଛନ୍ତି । ଦେଶ କିନ୍ତୁ ଚାଲିଛି ଓ ଅତୀତ ଠାରୁ ଅଧିକ ଭଲରେ ଚାଲିଛି । ଏ ଦେଶର ଏକ ଆତ୍ମା ଅଛି, ଏ ଦେଶର ଏକ ସଂସ୍କାର ଅଛି ଯାହା କୌଣସି ରାଜନୈତିକ ଦଳରୁ, ସାଧାରଣ ଜନତାଙ୍କ ଠାରୁ, ଜଣେ ବା ଦୁଇଜଣ ଲୋକଙ୍କ ଠାରୁ ବହୁତ ଦୂର ଅଲଗା ଓ ଅଧିକ ଗଭୀର । ସେହି ଦୂରତା ଅଥବା ଗଭୀରତାକୁ କେହିବି ମାରି ପାରିବେନାହିଁ ।

ଆମ ହିନ୍ଦୁସ୍ଥାନର ଉପର ଉପର ଫାଙ୍ଖୁଡ଼ା ବେଳେବେଳେ ଝଡ଼ିଯିବ ଓ ପୁଣି ଆସିବ । ସେହିପରି ଲୋକେ ମଧ୍ୟ ଆସିବେ ଯିବେ । କିନ୍ତୁ ସେହି ହିନ୍ଦୁସ୍ତାନ ଯାହା ତଳେ ତଳେ ଗତିକରୁଛି, ହିନ୍ଦୁସ୍ତାନ ଯାହା ଭିତରେ ଭିତରେ ଓ ଆମ ଡିଏନଏରେ ରହିଛି, ଆମ ଆତ୍ମାରେ ରହିଛି ତାହା ଅବିନାଶୀ ଓ ଶାଶ୍ୱତ । ସେହି ହିନ୍ଦୁସ୍ତାନ କୌଣସି ରାଜନୈତିକ ଦଳ, ନେତା ବା ରାଜନୈତିକ ତତ୍ତ୍ୱଠାରୁ ବହୁତ ଅଧିକ ଶକ୍ତ, ଦୃଢ଼, ଗଭୀର ଓ ତାହା କେବେବି କୁଆଡ଼େ ଯିବନାହିଁ ।

ପରିଶେଷରେ ଏହା କୁହାଯାଇପାରେ, ନିର୍ବାଚନ ଫଳ ବାହାରିବ । ଯିଏବି ସରକାର ଗଠନ କରନ୍ତୁ ନା କାହିଁକି, ସେ ଏ ଦେଶର ସାଧାରଣ ଲୋକଙ୍କ ଗଭୀର ନିରବତାକୁ କାନ ଦେଇ ଶୁଣିବାକୁ ପ୍ରୟାସ ନକରି ହୃଦୟ ଦେଇ ଶୁଣିବାକୁ ଚେଷ୍ଟା କଲେ ଲୋକଙ୍କ ହୃଦୟରେ କ'ଣ ଅଛି ଜାଣିପାରିବେ । ଆଜି ଏ ଦେଶର ଅଧିକାଂଶ ଲୋକ ପିତାମହ ଭୀଷ୍ମଙ୍କ ପରି ଶରଶଯ୍ୟାର ଯନ୍ତ୍ରଣା ଭୋଗୁଛନ୍ତି । ଆଶା କରିବା, ସରକାର ଗଠନ କରିଥିବା ଲୋକେ ସଫଳ ଶାସନ ପାଇଁ ପିତାମହ ଭୀଷ୍ମ ଯୁଧିଷ୍ଠିରଙ୍କୁ ଦେଇଥିବା ପରାମର୍ଶକୁ ମନେରଖିବେ ଓ ଦେଶକୁ ଆଗକୁ ବଢ଼ାଇବେ ।



# ଅହିଂସାର ଶକ୍ତି

## ମହାତ୍ମା ଗାନ୍ଧୀ

ଆପଣାର ଗତିଶୀଳ କ୍ରିୟାନ୍ୱୟର କ୍ଷେତ୍ରରେ ଅହିଂସା କହିଲେ ସଚେତନ କଷ୍ଟବରଣକୁ ବୁଝାଏ । ଏହା ମନ୍ଦ-ଆଚରଣକାରୀର ଇଚ୍ଛା ପାଖରେ ଭୀତଭାବରେ କଦାପି ମୁଣ୍ଡ ନୁଆଁଇବାକୁ ବୁଝାଏ ନାହିଁ । ଉତ୍ପୀଡ଼କର ଇଚ୍ଛା ସମ୍ମୁଖରେ ଆପଣାର ସମୁଦାୟ ଆତ୍ମାକୁ ନେଇ ପଣ କରିବାକୁ ହିଁ ବୁଝାଏ । ଆମ ସତ୍ତାର ଏହି ବିଧାନଟିକୁ ମାନି କାର୍ଯ୍ୟ କଲେ, ମାତ୍ର ଜଣେ ବ୍ୟକ୍ତି ପକ୍ଷରେ ମଧ୍ୟ ଆପଣାର ସମ୍ମାନ, ଧର୍ମ ଓ ଆତ୍ମାକୁ ବଞ୍ଚାଇ ରଖିବା ପାଇଁ ଅନ୍ୟାୟ ଉପରେ ଆଶ୍ରିତ ଏକ ସାମ୍ରାଜ୍ୟର ସମସ୍ତ ଶକ୍ତିକୁ ଅସ୍ୱୀକାର କରିବା ସେହି ସାମ୍ରାଜ୍ୟର ପତନ ଅଥବା ପୁନର୍ଜୀବନ ନିମନ୍ତେ ଏକ ମୂଳଦୁଆ ପକାଇବା ମଧ୍ୟ ଅବଶ୍ୟ ସମ୍ଭବ ହୋଇଥାଏ ।'

ମୋ' କଳ୍ପନାର ଅହିଂସା ପ୍ରତିରୋଧ ଅପେକ୍ଷା ଯାବତୀୟ ଦୁଷ୍ଟତା ବିରୋଧରେ ଏକ ଅଧିକ ସକ୍ରିୟ ଓ ଅଧିକ ପ୍ରକୃତ ସମରକୁ ହିଁ ବୁଝାଇଥାଏ । ପ୍ରତିରୋଧ ତ ସ୍ୱଭାବତଃ ଦୁଷ୍ଟତାର ବୃଦ୍ଧି ହିଁ କରିଥାଏ । ତେଣୁ, ଯାବତୀୟ ଅନୈତିକତାର ସମ୍ମୁଖୀନ ହେବା ପାଇଁ ମୁଁ ଯେଉଁ ମାନସିକ ଏବଂ ନୈତିକ ବିରୋଧର ଚିନ୍ତା କରୁଛି ତଥା ଉତ୍ପୀଡ଼ନକାରୀର ଖଡ୍‌ଗର ଧାରକୁ ଏକାବେଳକେ ଦଛଡ଼ା କରିଦେବା ପାଇଁ ମୁଁ ଯେଉଁ ଉପାୟ ଖୋଜୁଛି, ତାହା ବିରୋଧରେ ଏକ ଆହୁରି ତୀକ୍ଷ୍ଣଧାର ଖଡ୍‌ଗ ଉତ୍ତୋଳନ କରି ନୁହେଁ, ମାତ୍ର ମୁଁ ଯେ ଶାରୀରିକ ବଳର ପ୍ରୟୋଗ କରି ତାହାର ପ୍ରତିରୋଧ କରିବାକୁ ଯାଉଛି, ସେହି ବିଷୟରେ ତା'ର ମନ ଭିତରେ ରହିଥିବା ପ୍ରତ୍ୟାଶାଟିକୁ ପଣ୍ଡ କରିଦେବା ଦ୍ୱାରା ହିଁ ମୁଁ ତାହା କରିବାକୁ ଇଚ୍ଛା କରୁଛି । ଶାରୀରିକ ବଳ ପରିବର୍ତ୍ତେ ମୁଁ ଆତ୍ମାର ଯେଉଁ ପ୍ରତିରୋଧଟିର ଉପସ୍ଥାପନା କରିବି, ତାହା ହିଁ ଭ୍ରମରେ ପକାଇଦେବ । ଏହା ପ୍ରଥମେ ତାକୁ ଗୋଳମାଳରେ ପକାଇଦେବ, ମାତ୍ର ପରିଶେଷରେ ସେ ସ୍ୱୀକୃତି ଦେବାକୁ ବାଧ୍ୟ ହେବ ଏବଂ ସେହି ସ୍ୱୀକୃତି ତା'ର ଅପମାନ କରିବା ପରିବର୍ତ୍ତେ ତାହାର ଉତ୍ତୋଳନର ହିଁ କାରଣ ହେବ । ଏହା ମଧ୍ୟ ଏକ ଆଦର୍ଶ ପରିସ୍ଥିତି ବୋଲି କେହି ହୁଏତ ଆପତ୍ତି କରି କହିବେ । ଏହା ପ୍ରକୃତରେ ଏକ ଆଦର୍ଶ ସ୍ଥିତି । ଯେଉଁସବୁ ଅନୁମାନରୁ ମୁଁ ମୋ'ର ଯୁକ୍ତିଗୁଡ଼ିକୁ ବାଢ଼ିଛି, ସେଗୁଡ଼ିକ ଇଉକ୍ଲିଡ୍‌ଙ୍କର ସଂଜ୍ଞାଗୁଡ଼ିକ ପରି ସମାନଭାବରେ ସତ୍ୟ । ଆମେ କଳାପଟା ଉପରେ ଇଉକ୍ଲିଡ୍‌ଙ୍କର ସଂଜ୍ଞା ଅନୁସାରେ ଏକ ସରଳରେଖା ଅଙ୍କନ କରି ପାରୁନଥିଲେ ମଧ୍ୟ ତଥାପି ତାହାକୁ ସତ୍ୟ ବୋଲି ଗ୍ରହଣ କରାଯାଉଛି । ମାତ୍ର, ଇଉକ୍ଲିଡ଼ିଙ୍କର ସଂଜ୍ଞାଗୁଡ଼ିକୁ ମନ ଭିତରେ ନରଖି ଜଣେ ଜ୍ୟାମିତିକ ପକ୍ଷରେ ମଧ୍ୟ କିଛି କରିବା କେବେ ସମ୍ଭବ ହେବ ନାହିଁ ଓ ସତ୍ୟାଗ୍ରହର ସିଦ୍ଧାନ୍ତଟି ମଧ୍ୟ ଯେଉଁ ମୌଳିକ ଅନୁମାନଗୁଡ଼ିକୁ ଭୂମି କରି ଠିଆ ହୋଇଛି, ତେବେ ଆମେ ସେଗୁଡ଼ିକୁ କାହିଁକି ଗ୍ରହଣ ନକରିବା ?

ମୁଁ ସ୍ୱୀକାର କରୁଛି ଯେ ବଳବାନ ନିଶ୍ଚୟ ଦୁର୍ବଳକୁ ଲୁଟି ନେଉଥିବ ଏବଂ ଦୁର୍ବଳ ହେବା ପ୍ରକୃତରେ ଏକ ଅପରାଧ । ମାତ୍ର, ମୁଁ ଯାହା କହୁଛି, ତାହା ମୁଁ ମନୁଷ୍ୟର ଆତ୍ମା ବିଷୟରେ କହୁଛି, ତା'ର ଶରୀର ବିଷୟରେ କିଛି କହୁ ନାହିଁ । ଯଦି ଶରୀରର ବିଷୟରେ କୁହାଯିବ, ତେବେ ଆମେ କେବେହେଲେ ଦୁର୍ବଳତାର ଅପରାଧରୁ ମୁକ୍ତ ହୋଇ ପାରନ୍ତେ ନାହିଁ । ମାତ୍ର, ସମଗ୍ର ପୃଥିବୀ ଅସ୍ତ୍ର ଉତ୍ତୋଳନ କରି ଯୁଝିବାକୁ ଆସିଲେ ମଧ୍ୟ ଆତ୍ମାର ବଳ ତାହାକୁ ଅବଶ୍ୟ ଅସ୍ୱୀକାର କରି ପାରିବ । ଶରୀରରେ ଦୁର୍ବଳତମ ହୋଇ ରହିଥିବା ଜଣେ ବ୍ୟକ୍ତି ମଧ୍ୟ ଇଚ୍ଛା କଲେ ଏହି ବଳର ଅଧିକାରୀ ହୋଇପାରିବ ।

ମନୁଷ୍ୟ ସମାଜର ହାତରେ ଅହିଂସାନାମକ ସେହି ବୃହତ୍ତମ ଶକ୍ତିଟି ରହିଛି । ମନୁଷ୍ୟର ବୁଦ୍ଧି ଉଦ୍‌ଭାବନ କରିଥିବା ସବୁଠାରୁ ଅଧିକ ଶକ୍ତିଶାଳୀ ଅସ୍ତ୍ର ଅପେକ୍ଷା ଅହିଂସାର ଅସ୍ତ୍ର ହେଉଛି ଆହୁରି ଅଧିକ ଶକ୍ତିଶାଳୀ । ସଂହାର କଦାପି ମନୁଷ୍ୟସୃଷ୍ଟିର ବିଧାନ ନୁହେଁ । ଆବଶ୍ୟକ ହେଲେ ମନୁଷ୍ୟ ନିଜ ଭାଇ ହାତରେ ମଧ୍ୟ ମରିବା ଲାଗି ପ୍ରସ୍ତୁତ ହୋଇ ମୁକ୍ତାଭାବରେ ଜୀବନ ବଞ୍ଚେ, ତାକୁ ମାରିବାଲାଗି କଦାପି ନୁହେଁ । ଯେକୌଣସି କାରଣରୁ ହେଉ ପଛକେ, ଆଉଜଣେ ବ୍ୟକ୍ତିର ଯେତେବେଳେ ହତ୍ୟା କରାଯାଏ ବା ତା' ଉପରେ ଆଉ କୌଣସି ଆଘାତ ଅଣାଯାଏ, ତାହାକୁ ମନୁଷ୍ୟ ସମାଜ ବିରୋଧରେ ଏକ ଅପରାଧ ବୋଲି କହିବାକୁ ହେବ । ଆପଣାର କ୍ରିୟାଶୀଳତାରେ ଅହିଂସା ହେଉଛି ରେଡ଼ିୟମପରି । ବ୍ୟାଧିଗ୍ରସ୍ତ ଅଙ୍ଗବୃଦ୍ଧିରେ କ୍ଷୁଦ୍ରାତିକ୍ଷୁଦ୍ର ପରିମାଣର ରେଡ଼ିୟମକୁ ପ୍ରୟୋଗ କରାଗଲେ ତାହା ଅବିରାମ, ଏବଂ ନିରନ୍ତରଭାବରେ ନିଜର କାର୍ଯ୍ୟ ଅବଶ୍ୟ କରିବ ଓ ଶେଷରେ ବ୍ୟାଧିତ ଦେହାଂଶର ସମସ୍ତ ପିଣ୍ଡଟିକୁ ଏକ ସୁସ୍ଥ ପିଣ୍ଡରୂପେ ରୂପାନ୍ତରିତ କରିଦେବ । ସେହିପରିଭାବରେ, ଅହିଂସାର ଏକ ଅତି କ୍ଷୁଦ୍ର ପରିମାଣ ମଧ୍ୟ ଅତ୍ୟନ୍ତ ନୀରବ, ସୂକ୍ଷ୍ମ ଏବଂ ଅଦୃଶ୍ୟଭାବରେ ନିଜର କାର୍ଯ୍ୟ କରିଥାଏ ଏବଂ ସମଗ୍ର ସମାଜର ପୁନରୁଜୀବନକୁ ସମ୍ଭବ କରିଥାଏ ।'

ଅସ୍ତ୍ରଶସ୍ତ୍ର ଦ୍ୱାରା ସଜ୍ଜିତ ଜଣେ ସୈନିକ ତା'ର ବଳ ପାଇଁ ଆପଣାର ଅସ୍ତ୍ରଶସ୍ତ୍ର ଉପରେ ଆସ୍ଥା ରଖିଥାଏ । ତା'ଠାରୁ ତା'ର ଅସ୍ତ୍ରଗୁଡ଼ିକୁ, ତା'ର ବନ୍ଧୁକ ଓ ତା'ର ତରବାରୀକୁ କାଢ଼ି ନେଇଯାଅ, ତେବେ ସେ ସାଧାରଣତଃ ଅସହାୟ ହୋଇପଡ଼ିବ । ମାତ୍ର, ଯେଉଁ ବ୍ୟକ୍ତି ଅହିଂସାର ସିଦ୍ଧାନ୍ତଟିକୁ ଯଥାର୍ଥଭାବରେ ଉପଲବ୍ଧି କରିଛି, ନିଜର ଅସ୍ତ୍ରରୂପେ ତା'ପାଖରେ ଈଶ୍ୱରଦତ୍ତ ତା'ର ବଳଟି ରହିଛି ଏବଂ ଏହି ପୃଥିବୀ ଆଉ ଏପରି କୌଣସି ବସ୍ତୁକୁ ଜାଣେ ନାହିଁ, ଯାହାକି ତା'ର ସମକକ୍ଷ ହୋଇ ପାରିବ ।

ଆପଣାର ବ୍ରତ ଉପରେ ଅଦମ୍ୟ ବିଶ୍ୱାସ ରଖିଥିବା ସଂକଳ୍ପବଦ୍ଧ ମୁଷ୍ଟିମେୟ କେତେଜଣ ବ୍ୟକ୍ତି ଇତିହାସର ଗତିପଥକୁ ମଧ୍ୟ ବଦଳାଇ ଦେଇ ପାରିବେ । ସାହସୀର ଅହିଂସା ଯେକୌଣସି ଦିନ ସମ୍ପୂର୍ଣ୍ଣଭାବରେ ସଜ୍ଜିତ କୌଣସି ଅସୀମ ସାହସଯୁକ୍ତ ସୈନିକ ଅଥବା ଏକ ସମୁଦାୟ ସୈନ୍ୟବାହିନୀ ଅପେକ୍ଷା ଅଧିକ ବଳବାନ୍ ହୋଇପାରିବ ।

## ସ୍ୱର୍ବେଦ

**ଜ୍ଞାନ ତେଜ ଜ୍ୟୌଁ ଓ୍ୱରେ, ତ୍ୟୌଁ
ତ୍ୟୌଁ ଆଲସ ଜାୟ ।
ଅନହଦ ମଣ୍ଡଲ ପହୁଁଚ କର,
ନିଦ୍ରା ନ୍ୟୁନ ରହାୟ ।।୦୯।।**

ଭାଷ୍ୟ - ଯୋଗ ସାଧନ ଦ୍ୱାରା ଆତ୍ମାର ଜ୍ଞାନଶକ୍ତି ଯେତେବେଳେ ବୃଦ୍ଧିପାଇବାରେ ଲାଗେ, ସେତେବେଳେ ଆଳସ୍ୟ କମ୍ ହେବାରେ ଲାଗେ । ଅନହଦ ଭୂମିରେ ଚେତନା ସ୍ଥିର ହେବା ପରେ ନିଦ୍ରା କମ୍ ହୋଇଯାଏ । ଏହି ଗ୍ରନ୍ଥର ରଚୟିତା ଯେତେବେଳେ ସାଧନା କାଳରେ ରାତ୍ର ସମୟରେ ଏହି ଗ୍ରନ୍ଥର କଥା କହୁଥିଲେ, ସେ ସମୟରେ କଥା ଶେଷ ହେବା ପରେ ରାତିସାରା ଗୋଟିଏ ଆସନରେ ବସି ଯୋଗମୁଦ୍ରାରେ ନିମଗ୍ନ ରହୁଥିଲେ । ରାତିସାରା ବସିବା ପରେ ଦିନରେ ନିଦ୍ରା ନ ଗଲେ ସୁଦ୍ଧା ତାଙ୍କ ଶରୀରରେ ଆଳସ୍ୟ ଅଥବା ତନ୍ଦ୍ରାଭାବ ଦେଖାଯାଉ ନ ଥିଲା ।

**ସାଧକ ନିଦ୍ରା ଶ୍ୱାନ ସମ, ସୋୟ
ଜାଗ ରହ ସାଥ ।
ଫିର ଉଠି ଲାଗେ ଭଜନ ମେଁ,
ଭଜନ ସେ ହୋୟ ସନାଥ ।।୧୦।।**

ଭାଷ୍ୟ - ସାଧକର ନିଦ୍ରା ଶ୍ୱାନନିଦ୍ରା ପରି ହୋଇଥାଏ । ଯେପରି କୁକୁରର ଶୋଇବା ଏବଂ ଚେଇଁବା ସମାନ ଧରଣର ହୋଇଥାଏ, ସେହି ପ୍ରକାରେ ସାଧକ ନିଦ୍ରା ଗଲେ ମଧ୍ୟ ଶୀଘ୍ର ଉଠି ଭଜନରେ ଲାଗିଯାଆନ୍ତୁ, ଯେଉଁଥିରୁ ଆତ୍ମିକ ବଳ ଏବଂ ସଚେଷ୍ଟ ଜୀବନ ପ୍ରାପ୍ତହେବ । ସାଧକ ଅଳ୍ପ ନିଦ୍ରା ଯାଇ ଶୀଘ୍ର ଭଜନରେ ଲାଗିଯିବା ବିଧେୟ । ଅଧିକ ଶୟନ ମୃତ୍ୟୁର ସୂଚକ ଅଟେ ।

**କ୍ରମସହ ନିଦ୍ରା ଜୀତିୟେ, କରୋ
ନିୟମ ଅଭ୍ୟାସ ।
ଚେତନ ମଣ୍ଡଲ ପହୁଁଚ କର,
ନିଦ୍ରା ହୋୟ ୱିନାଶ ।।୧୧।।**

ଭାଷ୍ୟ - ଧୀରେ ଧୀରେ ନିଦ୍ରାକୁ ଜିଣି ନିୟମ ପୂର୍ବକ ଅଭ୍ୟାସ କରନ୍ତୁ । ଚେତନ ମଣ୍ଡଳରେ ପହଞ୍ଚିବା ପରେ ନିଦ୍ରାର ବିନାଶ ହୋଇଯାଏ । ଜଡ଼ ଆଉ ଚେତନ ମଣ୍ଡଳର ଜ୍ଞାନ ସଦ୍‌ଗୁରୁଙ୍କ ଠାରୁ ଜାଣିବାର ପ୍ରଯତ୍ନ କରନ୍ତୁ ।




**ହଦଓ୍ୱାସୀ ହୈ ମାନଓ୍ୱା, ବେହଦ
ମେଁ ସବ ସାଧ ।
ପୃଥକ ଜୋ ହଦ ବେହଦ ସେ,
ତାକର ଜ୍ଞାନ ଅଗାଧ ।।୧୨।।**

ଭାଷ୍ୟ - ମନୁଷ୍ୟର ଜ୍ଞାନ ସୀମିତ ହୋଇଥିବା ବେଳେ ପ୍ରକୃତି ମଣ୍ଡଳରେ ଅସୀମିତି ଜ୍ଞାନ ପୂରି ରହିଛି । ଏ ଦୁହିଙ୍କର ଉର୍ଦ୍ଧ୍ୱରେ ସନ୍ଥଜନ ଅଛନ୍ତି, ଯେଉଁମାନଙ୍କର ପରିପୂର୍ଣ୍ଣ ଜ୍ଞାନ ଅଛି । ପୂର୍ଣ୍ଣକୁ ଜାଣିବା ଲୋକ ଜ୍ଞାନ ବିଜ୍ଞାନରେ ପୂର୍ଣ୍ଣ ହୋଇଯାଆନ୍ତି । ଏହା ପୂର୍ଣ୍ଣ ପୁରୁଷଙ୍କର ପ୍ରାପ୍ତିର ମହତୀ ମହିମା ଅଟେ ।

**ବେହଦ ପାର ଅଗାଧ ହୈ,
ମଣ୍ଡଲ ପୁରୁଷ ମହାନ ।
ହଦ କେ ମାନଓ୍ୱ ଜୀଓ୍ୱ ହୈଁ, ନହିଁ
ପାଓ୍ୱେ ସନମାନ ।।୧୩।।**

ଭାଷ୍ୟ - ସୀମାହୀନର ଉର୍ଦ୍ଧ୍ୱରେ ଅଗାଧ ମଣ୍ଡଳ ମହାନ୍ ପୁରୁଷଙ୍କର ଅଟେ । ନିଜ ସୀମାରେ ରହୁଥିବା ମାନବ ସେହି ମଣ୍ଡଳର ସମ୍ମାନକୁ ଲାଭକରି ପାରେନାହିଁ । ପୂର୍ଣ୍ଣ ପୁରୁଷଙ୍କର ଆନନ୍ଦ ଏବଂ ତାହାର ଐଶ୍ୱର୍ଯ୍ୟକୁ ପ୍ରାକୃତିକ ମନୁଷ୍ୟ ପାଇ ପାରିବ ନାହିଁ ।

**ହଦ ବେହଦ ଦୋନୋଁ ଲଖେ,
ତାପର ଅନୁଭଓ୍ୱ ଜ୍ଞାନ ।
ସାହେବ ସଦା ହଜୂର ହୈ,
ପରିପୂରଣ ୱିଜ୍ଞାନ ।।୧୪।।**

ଭାଷ୍ୟ - ସୀମିତ ଏବଂ ଅସୀମିତ ଦୁହିଙ୍କର ପ୍ରତ୍ୟକ୍ଷ ଜ୍ଞାନ ପାଇବା ପରେ ଅନୁଭବ ଜ୍ଞାନ ପ୍ରାପ୍ତ ହୋଇଥାଏ ଓ ଅନୁଭବ ପୂର୍ଣ୍ଣ ବିଜ୍ଞାନ ସାକ୍ଷାତ୍‌କାର ହେବା ପରେ ସର୍ବ ଜଗଦୀଶ୍ୱର ପୂର୍ଣ୍ଣସ୍ୱାମୀ ସର୍ବଦା ପ୍ରତ୍ୟକ୍ଷ ଦର୍ଶନ ଦେଇଥାନ୍ତି ।

**ଅନ୍ଧେରେ ବୈଠକ ବନା, ହଦ
ମେଁ ବୈଠା ଜୀଓ୍ୱ ।
ଜଡ଼ କଥନୀ କ୍ୟା କରତ ହୋ,
ନହିଁ ପାଓ୍ୱୋ ତୁମ ପୀଓ୍ୱ ।।୧୫।।**

ଭାଷ୍ୟ - ସୀମାରେ ବସିଥିବା ଜୀବ ଅନ୍ଧକାର ମଧ୍ୟରେ ନିଜର ନିବାସ ତିଆରି କରିଛି ତଥା ଜଡ଼ ମଣ୍ଡଳରେ ରହି ଜୀବନ ବ୍ୟର୍ଥ କରୁଅଛି । ପ୍ରକୃତିପାର ପୂର୍ଣ୍ଣସ୍ୱାମୀ ଜଡ଼ ମଣ୍ଡଳର ଜ୍ଞାନ ବିକାଶରେ ପ୍ରାପ୍ତ ହୋଇ ନ ଥାନ୍ତି । ସେଥିପାଇଁ ସୀମା ନିବାସୀ ଜଡ଼ ଦେହଭିମାନୀ ଆତ୍ମା ସେହି ପ୍ରଭୁଙ୍କୁ କିପରି ପ୍ରାପ୍ତ କରିପାରିବ ?

**ୱିନ ଦେଖେ ଉସ ଦେଶ କୋ,
ମିଥ୍ୟା କରତ ୱିଓ୍ୱାଦ ।
ଅନୁଭଓ୍ୱ ମେଁ ଅନୁଭଓ୍ୱ ଦିଖେ,
ତବ କଥନୀ କର ସ୍ୱାଦ ।।୧୬।।**

ଭାଷ୍ୟ - ପ୍ରତ୍ୟକ୍ଷ ଜ୍ଞାନ ନ ଜାଣି ବ୍ୟର୍ଥ ବିବାଦ କାହିଁକି କରୁଛ ? ଯେତେବେଳେ ଆତ୍ମ ସାକ୍ଷାତ୍‌କାର ପରେ ସୁଷୁମ୍ନାକୁ ଅତିକ୍ରମ କରି ଆତ୍ମ ସାକ୍ଷାତ୍‌କାର ପ୍ରକାଶର ବାଟ ଫିଟିଯାଏ, ସେତେବେଳେ ବାଣୀରେ ସ୍ୱାଦ ଆସିଯାଏ ଅର୍ଥାତ୍ ବ୍ରହ୍ମରସରେ ପରିପୂର୍ଣ୍ଣ ବାଣୀ ଆନନ୍ଦଦାୟିନୀ ହୋଇଯିବ ଓ ତ୍ରିତାପ ଦୁଃଖକୁ ଶାନ୍ତ କରିଦେବ । ସେଥିପାଇଁ ଅନୁଭବ ସାକ୍ଷାତ୍‌କାର ହେବା ପରେ ହିଁ ସତ୍ୟର ନିର୍ଣ୍ଣୟ ଆଉ ଯଥାର୍ଥ ଜ୍ଞାନ ପ୍ରାପ୍ତ ହୋଇଥାଏ ଏବଂ ବାଣୀରେ ସରସତା ତଥା ମିଷ୍ଟପଣ ପ୍ରକଟ ହେବାରେ ଲାଗେ । ସୁତରାଂ ସାଧାରଣ ବାଣୀକୁ ପରିତ୍ୟାଗ କରି ସଦ୍‌ଗୁରୁଙ୍କର ଅମୃତ ବାଣୀ ଶ୍ରବଣ କରିବା ଉଚିତ । ଯେଉଁଥିରୁ ଜୀବନରେ ସୁଧାର ଆସିବ ଏବଂ ପରମାମୃତର ଧାରା ଆତ୍ମାରେ ପ୍ରବାହିତ ହେବାରେ ଲାଗିବ ।

**ସନ୍ତ ଭେଦ ଭେଦୀ ମିଲେ,
ଭେଦୀ ଲେ ପହିଚାନ ।
ଆସନ ପାଓ୍ୱେଁ ଶବ୍ଦ କା, ପାରଖି
ମେଁ ତଓ୍ୱ ଜ୍ଞାନ ।।୧୭।।**

ଭାଷ୍ୟ - ଯୋଗ ସାଧନା ରହସ୍ୟରେ ଯେବେ ଭେଦ ମିଳିଯାଏ ତେବେ ତାହା ସେହି ଭେଦୀକୁ ଚିହ୍ନିପାରେ । ଶବ୍ଦସ୍ଥିତିର ଜ୍ଞାନ ପ୍ରାପ୍ତ ହେବା ପରେ ଅନୁଭବ ଏବଂ ତତ୍ତ୍ୱଜ୍ଞାନ ଦ୍ୱାରା ଭେଦ ରହସ୍ୟର ଜ୍ଞାତା ସବୁ ଜାଣିପାରେ ।

**ଭେଦୀ ପର ଗମ ଜାନତେ,
ଅଭେଦୀ କ୍ୟା ଜାନ ।
ଗୁପ୍ତ ମହଲ ବୈଠା ରହେ,
ଶୋଭା ପୁରୁଷ ମହାନ ।।୧୮।।**

ଭାଷ୍ୟ - ଅନୁଭବ, ଯୋଗରହସ୍ୟର ଜ୍ଞାତା, ଅନ୍ତର ଶବ୍ଦମହଲରେ ବସି ପରମ ପୁରୁଷଙ୍କର ଶୋଭା ଦର୍ଶନ କରିଥାଏ ଅର୍ଥାତ୍ ପରମାନନ୍ଦଙ୍କୁ ଉପଭୋଗ କରିଥାଏ । ଏହି ଅନୁଭବ ଭେଦ ରହସ୍ୟକୁ ବ୍ରହ୍ମବିଦ୍ୟା ଅନୁଭବ, ତତ୍ତ୍ୱଜ୍ଞାନ ବିହୀନ ବ୍ୟକ୍ତି କଣ ଜାଣି ପାରିବ ?

**ପରମ ପୁରୁଷ ମେଲା ଭୟା,
ଆବ ସକଲ ତନ ଛାୟ ।
ମୁଖ ମଣ୍ଡଲ ଲାଲୀ ପଡ଼ୀ, ଶୀତଲ
ଶାନ୍ତି ସମାୟ ।।୧୯।।**

ଭାଷ୍ୟ - ପରମ ପୁରୁଷ ପ୍ରାପ୍ତ ହେବା ପରେ ତାଙ୍କର ପ୍ରକାଶରେ ସମଗ୍ର ଶରୀର ଦିପ୍ତୀମନ୍ତ ହୋଇଯାଏ । ମୁଖମଣ୍ଡଳରେ ଆଭା ଓ ଲାଲିମା ଆସିଯାଏ ଏବଂ ଅନ୍ତର ମଧ୍ୟରେ ଶୀତଳତା ଏବଂ ଶାନ୍ତି ପ୍ରବେଶ କରେ ।

ମଧୂ ପାୟେ ମଧୁମାନ ହୈ,
ମଙ୍ଗଲ ମୂରତି ସନ୍ତ ।

ଦେଓ୍ୱ ସଦାଫଲ ଧନ୍ୟ ଓ୍ୱେ,
ଗୋଦ ବୈଠ ଭଗଓ୍ୱନ୍ତ ।।୨୦।।

ଭାଷ୍ୟ - ମଧୁ ଅର୍ଥାତ୍ ସୋମରସ ପାନକରି ମଙ୍ଗଳ ମୂର୍ତ୍ତି ସନ୍ଥ ମଧୁମାନ ହୋଇଯାଆନ୍ତି ଏବଂ ପ୍ରଭୁଙ୍କର କୋଳରେ ବସି କୃତକୃତ୍ୟ ହୋଇଯାଆନ୍ତି । ପ୍ରଭୁ ସର୍ବତ୍ର ବ୍ୟାପକ ଅଟନ୍ତି । ତାଙ୍କର ଆଧାରରେ ଜୀବ ଆଶ୍ରିତ ହୋଇ ପରମାନନ୍ଦରେ ନିମଗ୍ନ ହୋଇ ଶାନ୍ତ ହୋଇଯାଏ । ଏହା କୋଳରେ ବସିବା ବୋଲି କହିବାର ଅଭିପ୍ରାୟ ଅଟେ ।

।। ଇତି ସ୍ୱର୍ବେଦ ତୃତୀୟ ମଣ୍ଡଳ, ସପ୍ତମ ଅଧ୍ୟାୟ ଭାଷ୍ୟ ସମାପ୍ତ ।।

## ଭୋଜନ ପରର ନିୟମ

ଅଧିକାଂଶ ଲୋକଙ୍କର ଧାରଣା ରହିଥାଏ, ନିୟମିତ ଉତ୍ତମ ଖାଦ୍ୟପେୟ କରିବା ଦ୍ୱାରା ସ୍ୱାସ୍ଥ୍ୟ ଠିକ୍ ରହିଥାଏ । ଭୋଜନର ପରର କାର୍ଯ୍ୟକୁ ନେଇ ନିକଟରେ ଏକ ଅଧ୍ୟୟନ କରାଯାଇଛି । ଯେଉଁଥିରୁ ଜଣାଯାଇଛି ଭୋଜନ ପରେ କେଉଁ କେଉଁ କାର୍ଯ୍ୟ କରିବା ଉଚିତ ଯଦ୍ୱାରା କୌଣସି ପ୍ରକାରର ରୋଗ ହେବ ନାହିଁ ।

ରାତ୍ରି ଭୋଜନ କରିବା ପରେ ତୁରନ୍ତ ଶୋଇବାକୁ ଡାକ୍ତରମାନେ ମନା କରିଥାଆନ୍ତି । କାରଣ ଏପରି କରିବା ଦ୍ୱାରା ଖାଦ୍ୟ ହଜମ ହୋଇ ନ ଥାଏ । ଭୋଜନ କରିବାର ଅତିକମରେ ଦେଢ଼ ଘଣ୍ଟା ପରେ ଶୋଇବା ଉଚିତ୍ ।

ଅନେକ ଲୋକେ ଭୋଜନ କରିବା ପରେ କିମ୍ବା ରାତ୍ରିବେଳା ସ୍ନାନ କରିବାକୁ ପସନ୍ଦ କରନ୍ତି । କିନ୍ତୁ ଭୋଜନ କରିବାର ୩୦ ମିନିଟ୍ ପରେ ହିଁ ସ୍ନାନ କରିବା ଉଚିତ । ଗବେଷଣାରୁ ଜଣାଯାଇଛି, ଭୋଜନ ପରେ ଅଧିକାଂଶ ଲୋକ ଧୂମପାନ କରିବାକୁ ପସନ୍ଦ କରିଥାନ୍ତି । କିନ୍ତୁ ଏପରି କରିବା ଦ୍ୱାରା ସେମାନଙ୍କର ସ୍ୱାସ୍ଥ୍ୟ ପକ୍ଷେ ବହୁତ



କ୍ଷତିକାରକ ହୋଇଥାଏ । କାରଣ ଏପରି କରିବା ଦ୍ୱାରା କର୍କଟ ରୋଗ ହେବାର ଆଶଙ୍କା ରହିଥାଏ । ଭୋଜନର ତୁରନ୍ତ ପରେ ଚଲାବୁଲା କରିବା ଅନୁଚିତ । ଏପରି କରିବା ଦ୍ୱାରା ରକ୍ତସଞ୍ଚାଳନ ଠିକ୍ ଭାବରେ ହୋଇ ନ ଥାଏ । ଭୋଜନ କରିବାର ପ୍ରାୟ ୩୦ ମିନିଟ୍ ପରେ ଦାନ୍ତ ଘଷିବା ଉଚିତ, ଏହାଦ୍ୱାରା ଦାନ୍ତରେ ଆଉ ଖାଦ୍ୟ ଜମି ରହିବ ନାହିଁ ।

## ଟିକିଏ ହସନ୍ତୁ

ବାପା ଦୁଇ ପୁଅଙ୍କ ସହ ଟିଭି ଦେଖୁଥିଲେ । ସେ ବଡ଼ ପୁଅକୁ କହିଲେ, ପୁଅ ମୋ ପାଇଁ ଟିକେ ପାଣି ଆଣି ଦେ ।
ବଡ଼ପୁଅ: ଆଣିବିନି ।
ଏହାଶୁଣି ସାନପୁଅ କହିଲା ବାପା, ଏ ତ ବହୁତ ଖରାପ କଥା । ହଉ ଛାଡ଼ନ୍ତୁ ଆପଣ ଯାଇ ପାଣି ପିଇଦିଅନ୍ତୁ । ଆଉ ପାଣି ପିଇ ସାରିଲା ପରେ ମୋ ପାଇଁ ବି ଗୋଟେ ଗ୍ଲାସ ପାଣି ଆଣିବେ ।

× × × × ×

ପୋଲିସ୍: ତୁମେ ତୃତୀୟ ଥର ପାଇଁ ପୁଣି ଆସିଲ, ତୁମକୁ ଲାଜ ଲାଗୁନି ?
ଚୋର: ମୋତେ କାଇଁ ଲାଜ ଲାଗିବ ? ଆପଣ ତ ସବୁଦିନ ଥାନାକୁ ଆସୁଛନ୍ତି ।

× × × ×

ଦିନେ ମଣ୍ଟୁ ବ୍ୟାଙ୍କ ଲୋନ୍ ଆଣିବାକୁ ଗଲା ।
ସେଠାରେ ବ୍ୟାଙ୍କ ମ୍ୟାନେଜର ପଚାରିଲେ- ତୁମର ଏଠାରେ ଖାତା ଅଛି କି ?
ମଣ୍ଟୁ ସାର୍, ମୋର ତ ଖାତା ନାହିଁ ହେଲେ ମୋ ପୁଅର ଖାତା ଘରେ ଅଛି । କହିବେ ଯଦି କାଲି ଆପଣଙ୍କୁ ଦେଇଦେବି ।



× × × ×

ଆଲମାରୀରୁ କିଛି ଖୋଜୁଥିବା ସ୍ତ୍ରୀକୁ ସ୍ୱାମୀ: ତମେ ସବୁବେଳେ ମୋର ମୋର ବୋଲି କୁହ ।
କେବେ ତ ଆମର ବୋଲି କୁହ ।
ଚୁପ୍ ରହିଲ ଯେ, କ'ଣ ଖୋଜୁଛ ?
ସ୍ତ୍ରୀ: ଆମର ଶାୟା ।

× × × ×

ଜଣେ ବ୍ୟକ୍ତି କୁମ୍ଭମେଳାରେ ହାତ ଯୋଡି କାନ୍ଦି କାନ୍ଦି ପ୍ରାର୍ଥନା କରୁଥାଏ ।
ହେ ପ୍ରଭୁ ନ୍ୟାୟ କର ।
ହେ ପ୍ରଭୁ ନ୍ୟାୟ କର... ।
ସବୁବେଳେ ଏଇ ମେଳାରେ ଭାଇ ଭାଇ ଅଲଗା ହେଇଛନ୍ତି । କେବେ ତ ସ୍ୱାମୀ - ସ୍ତ୍ରୀଙ୍କୁ ଅଲଗା କର ।

× × × ×

ଶୁଭଜିତ୍ ରାକେଶକୁ: ଆରେ ତୁ ଯୋଉ ଝିଅକୁ ଲାଇନ୍ ମାରୁଛୁ ସିଏ ଆଗରୁ ଜଣକ ସହ ସେଟ୍ ଅଛି ।
ରାକେଶ: କ'ଣ ହେଲା ସେଇଠୁ ।
ଖାଲି ଚେୟାର ଦେଖିଲେ ତ ସମସ୍ତେ ବସିବାକୁ ଚାହିଁବେ । କିନ୍ତୁ ଚେୟାରରୁ କାହାକୁ ହଟେଇକି ବସିବା ବଡ଼ ହିମ୍ମତର କଥା ।

## କଦଳୀର ପୌଷ୍ଟିକ ତତ୍ତ୍ୱ

**ବ**ର୍ଷା ଋତୁରେ ବଜାରରେ ଅଧିକ କଦଳୀ ବିକ୍ରି ହୋଇଥାଏ କିନ୍ତୁ କଦଳୀ ଅନ୍ୟ ଫଳ ଅପେକ୍ଷା ଏଥିରେ ପୌଷ୍ଟିକ ତତ୍ତ୍ୱ ଭରପୁର ଥାଏ ।

କଦଳୀରେ ଗ୍ଲୁକୋଜ ପରିମାଣ ଭରପୁର ଥାଏ । ଶରୀରରେ ଏହା ଶୀଘ୍ର ଶକ୍ତି ପ୍ରଦାନ କରିଥାଏ । ଏଥିରେ ୭୫% ଜଳ ରହିଥାଏ । ଏତଦ୍ ବ୍ୟତୀତ କ୍ୟାଲସିୟମ, ମ୍ୟାଗ୍ନେସିୟମ, ଫସଫରସ, ଆଇରନ, ଖଣିଜ ପଦାର୍ଥ ପର୍ଯ୍ୟାପ୍ତ ପରିମାଣରେ ପାଇଥାଉ । ଶରୀରରେ ରକ୍ତ ଗଠନ କରିବାରେ, ରକ୍ତକୁ ବିଶୁଦ୍ଧ କରିବାରେ ସାହାଯ୍ୟ କରିଥାଏ । ଏଥିରେ ଲୌହ, ମ୍ୟାଗ୍ନେସିୟମ, ତମ୍ବା ଆଦି ରକ୍ତ ତିଆରି କରିବାରେ ସହାୟକ ହୋଇଥାଏ ଏବଂ ପେଟର ଅନ୍ତଃ ନଳୀ ସଫା କରିବାରେ ମଧ ସାହାଯ୍ୟ କରିଥାଏ । ଫଳରେ କବ୍ଜ ଆଦି ରୋଗ ମଧ ଦୂର ହୋଇଥାଏ । ଦସ୍ତ, ପେଟ ସମ୍ବନ୍ଧୀୟ ବିଭିନ୍ନ ରୋଗ ପାଇଁ ଦହି ସହ କଦଳୀ ମିଶାଇ ଖାଇବା ଦ୍ୱାରା ରୋଗ ଉପଶମ ହୋଇଥାଏ । ସିଝା ହୋଇଥିବା କଦଳୀକୁ କାଟି ଚିନି ସହ ମିଶାଇ ବାସନ କୁସନ ରଖି ଘୋଡ଼ଣୀରେ ବନ୍ଦ କରି ରଖି ଦିଅନ୍ତୁ । ଏହା ପରେ ବାସନକୁସନ ଗରମ ପାଣି ପକାଇ ଗରମ କରନ୍ତୁ । ଏପରି ବନାଯାଇଥିବା ସର୍ବତ ଦ୍ୱାରା ଖାସି ଆଦି ଦୂର ହୋଇଥାଏ । ଜିଭ ପୋଡି ହୋଇ ଯାଇଥିଲେ ଗାଈ



କ୍ଷୀରରେ ବନା ଯାଇଥିବା ଦହିରେ କଦଳୀ ସେବନ କରିବା ଲାଭଦାୟକ ହୋଇଥାଏ । ଏହା ଦ୍ୱାରା ଜିଭ ଠିକ୍ ହୋଇଥାଏ । କଦଳୀରେ ଏପରି ବହୁ ଗୁଣ ଅଛି ଯାହା ସୌନ୍ଦର୍ଯ୍ୟ ବୃଦ୍ଧିରେ ମଧ ସାହାଯ୍ୟ କରିଥାଏ । କଦଳୀର ଫେସପ୍ୟାକ୍ ଚେହେରା ପାଇଁ ବହୁତ ଲାଭଦାୟକ ହୋଇଥାଏ ।

କଦଳୀର ଗୁଣ ଆୟୁର୍ବେଦର ଚିକିତ୍ସାରେ ମଧ ବହୁତ ଲାଭଦାୟକ ଅଟେ । କିନ୍ତୁ ସବୁବେଳେ ଧ୍ୟାନ ରଖନ୍ତୁ କଦଳୀକୁ କଦାପି ଖାଲି ପେଟରେ ସେବନ କରନ୍ତୁ ନାହିଁ । କଦଳୀକୁ କ୍ଷୀର କିମ୍ବା ଅନ୍ୟ ଯେ କୌଣସି ଜୁସରେ ମିଶାଇ ସେବନ କରନ୍ତୁ । କଦଳୀ ଅଲସର ରୋଗକୁ ଦୂର କରିଥାଏ । ଏସିଡ୍ ଏବଂ ପେଟର ଚର୍ବିକୁ କୌଣସି ପ୍ରକାର କ୍ଷତି କରାଇ ନ ଥାଏ ।

## ତମ୍ବାପାତ୍ରର ଉପକାରିତା

ପ୍ରତିଦିନ ପର୍ଯ୍ୟାପ୍ତ ପରିମାଣରେ ପାଣି ପିଇବା ସ୍ୱାସ୍ଥ୍ୟ ପାଇଁ ଏକ ଉତ୍ତମ ଅଭ୍ୟାସ । ସୁସ୍ଥତା ପାଇଁ ଆମ ଶରୀର ଦୈନିକ ୮ ରୁ ୧୦ ଗ୍ଲାସ ପାଣି ଆବଶ୍ୟକ କରେ । ଆୟୁର୍ବେଦ ଅନୁସାରେ ତମ୍ବାପାତ୍ରରେ ଥିବା ପାଣି ପିଇଲେ ଶରୀରରେ ଥିବା ବିଷାକ୍ତ ତତ୍ତ୍ୱ ନିଷ୍କାସିତ ହୁଏ ଏବଂ ଶରୀରକୁ ସୁସ୍ଥ ରଖିବାରେ ସହାୟକ ହୁଏ । ତେଣୁ ପ୍ରତିଦିନ ରାତିରେ ଏକ ତମ୍ବାପାତ୍ରରେ ପାଣି ରଖି ସକାଳେ ପିଇଲେ ଉଚିତ ବୋଲି ଆୟୁର୍ବେଦରେ ପରାମର୍ଶ ଦିଆଯାଇଛି । ମନେରଖିବା ଉଚିତ ଯେ ତମ୍ବାପାତ୍ରରେ ପାଣି ଅତିକମ୍‌ରେ ୮ ଘଣ୍ଟା ରହିବା ଉଚିତ୍ ।

ଏହା ନିୟମିତ ପିଇଲେ ତ୍ୱଚା ଉପରେ ବାର୍ଦ୍ଧକ୍ୟର ପ୍ରଭାବ ପଡିବ ନାହିଁ । ଥାୟରେକ୍ସିନ ନାମକ ହରମୋନରେ ଅସନ୍ତୁଳନ ଯୋଗୁଁ ଥାୟରଏଡ ହୋଇଥାଏ । ତମ୍ବାପାତ୍ରରେ ଥିବା ପାଣି ତାକୁ ନିୟନ୍ତ୍ରଣ କରିବା ସହ ଏହି ରୋଗର ଆଶଙ୍କାକୁ ଦୂର କରେ ।

ବିଶୃଙ୍ଖଳିତ ଜୀବନ ଶୈଳୀ ଏବଂ ଅନିୟନ୍ତ୍ରିତ ଖାଦ୍ୟାଭ୍ୟାସ ତଥା ଅନ୍ୟାନ୍ୟ କାରଣରୁ ବର୍ତ୍ତମାନ ଆଣ୍ଠୁଗଣ୍ଠି ବାତ ଏକ ସାଧାରଣ ରୋଗରେ ପରିଣତ ହେଲାଣି । ଯୁବକାବସ୍ଥାରେ ମଧ ଦେଖାଦେଉଛି । ଏହାର ମୁଖ୍ୟକାରଣ ୟୁରିକ୍ ଏସିଡ୍ । ଏହି ପାଣି ନିୟମିତ ପିଇଲେ ଏହା ନିୟନ୍ତ୍ରିତ ହୁଏ ଏବଂ ଯନ୍ତ୍ରଣା ଲାଘବ ହୁଏ ।

ଲୋକଙ୍କ ଧାରଣା, ବିଶେଷକରି ମହିଳାମାନେ ଭାବନ୍ତି ଯେ, ଦାମୀ ପ୍ରସାଧନ ସାମଗ୍ରୀ ବ୍ୟବହାର କଲେ ଚର୍ମ ନୀରୋଗ ଏବଂ ସୁସ୍ଥ ରୁହେ । ଏପରିକି ତ୍ୱଚାର ଔଜ୍ଜ୍ୱଲ୍ୟ ବୃଦ୍ଧି ପାଏ ବୋଲି ସେମାନେ ବିଶ୍ୱାସ କରନ୍ତି, ମାତ୍ର ଏହା ଏକ ଭ୍ରାନ୍ତ ଧାରଣା । ଯଦି ଆପଣ ତମ୍ବାପାତ୍ରରେ ଅତିକମରେ ୧୦ ଘଣ୍ଟା ଥିବା ପାଣି ପ୍ରତିଦିନ ପିଅନ୍ତି, ତା'ହେଲେ



ତା'ର ପ୍ରଭାବ ନିଜେ ଦେଖି ପାରିବେ ।

ହୃଦରୋଗ ପରି ଏକ ମାରାତ୍ମକ ରୋଗ ଏବେ ସାଧାରଣ ହେଲାଣି । କେବଳ ଭାରତ ନୁହେଁ, ସାରା ପୃଥିବୀରେ ପ୍ରତିବର୍ଷ ଏହି ରୋଗ ବହୁ ଲୋକଙ୍କ ଜୀବନ ନେଉଛି । ଏହାର ମୁଖ୍ୟ କାରଣ ଅବସାଦ ଓ ମାନସିକ ଚାପ । ଏହି ପାଣି କୋଲେଷ୍ଟ୍ରୋଲକୁ ନିୟନ୍ତ୍ରଣ କରିବା ସହ ରକ୍ତସଞ୍ଚାଳନକୁ ସ୍ୱାଭାବିକ କରେ ।

ଆଜିକାଲି ଭାରତରେ ୩୦ ରୁ ଅଧିକ ବୟସର ମହିଳାମାନେ ଏନିମିଆ ବା ରକ୍ତହୀନତାରେ ଆକ୍ରାନ୍ତ ହେଉଛନ୍ତି । ଏହି ପାଣି ଶରୀରରେ ନୂତନ ରକ୍ତ ସୃଷ୍ଟି କରିବାରେ ସହାୟକ ହୁଏ ।

ଏହା ରକ୍ତ ଓ ପିତ୍ତ ମଧ୍ୟରେ ସନ୍ତୁଳନ ରକ୍ଷା କରେ । ଫଳରେ ତତଜନିତ କାରଣରୁ ସୃଷ୍ଟି ହେଉଥିବା ରୋଗ ହୁଏ ନାହିଁ । ଓଜନ କମ୍ କରିବାରେ ସହାୟକ ହୁଏ । ଏହା ଶରୀରରେ ଥିବା ହାନିକାରକ ବ୍ୟାକ୍ଟେରିଆଗୁଡିକ ନଷ୍ଟ କରିଦିଏ । ଏସିଡିଟି ଓ ଗ୍ୟାସ ସମସ୍ୟା ଦୂର କରେ ।

## ଆପଣ ଜାଣନ୍ତି କି ?

- ବିଶ୍ୱରେ ପେଟ୍ରୋଲ ପରେ କଫି ହିଁ ସର୍ବାଧିକ କ୍ରୟ ବିକ୍ରୟ ହେଉଥିବା ସାମଗ୍ରୀ ।
- ଆମେ ପାନୀୟକୁ ଶୋଷି ଶୋଷି ପିଇବା ପାଇଁ ବ୍ୟବହୃତ ହେଉଥିବା 'ଷ୍ଟ୍ର'ର ଜନ୍ମ ୧୮୮୬ ରେ ହୋଇଥିଲା ।
- ଆୟାର୍ଲାଣ୍ଡରେ ଉତ୍ପାଦିତ ହେଉଥିବା ମୋଟ ବାର୍ଲି ମଧ୍ୟରୁ ଶତକଡ଼ା ୭୦ ପ୍ରତିଶତ ବାର୍ଲି ଗିନିସ୍ ବିଅର୍ ଉତ୍ପାଦନ ପାଇଁ ବ୍ୟବହାର କରାଯାଇଥାଏ ।
- ଜଣେ ସାଧାରଣ ଲୋକ ତା'ର ଜୀବନକାଳ ମଧ୍ୟରେ ପ୍ରାୟ ୧୦୦ ଟନ୍ ଖାଦ୍ୟ ଓ ୪୫, ୪୨୪ ଲିଟର ପାଣି ବ୍ୟବହାର କରିଥାଏ ।
- ଆଇସ୍‌ଲ୍ୟାଣ୍ଡରେ ଅନ୍ୟ ଦେଶ ଅପେକ୍ଷା ମୁଣ୍ଡପିଛା ଅଧିକ କୋକାକୋଲା ପାନ କରାଯାଇଥାଏ ।
- ମଣିଷ ଗୋଟିଏ ପାଦ ଉପରକୁ ଉଠାଇବା ସମୟରେ ତା' ଶରୀରର ୨୦୦ ମାଂସପେଶୀ ଗତିଶୀଳ ହୋଇଥାଏ ।
- ଆମ ଆଖିଖୋଳାର ଓଜନ ୨୮ ଗ୍ରାମ୍ ।
- ସାଧାରଣ ଲୋକଟିଏ କାଗଜ ଅପେକ୍ଷା କମ୍ପ୍ୟୁଟରରେ ପଢ଼ିବା ସମୟରେ ବେଗ ୨୫ ପ୍ରତିଶତ ମନ୍ଥର ହୋଇଥାଏ ।
- ମଣିଷ ଶରୀରର ଏବଂ କଦଳୀ ଭିତରେ ଥିବା ଡିଏନ୍‌ଏରେ ୫୦ ପ୍ରତିଶତ ସାମଞ୍ଜସ୍ୟ ରହିଥାଏ ।
- ନାକରେ ଆଘ୍ରାଣ ବାରିବାକୁ ଅଲ୍‌ଫାକ୍ସନ କୁହାଯାଏ ।
- ଜଣେ ମଣିଷ ତା' ଆଖିରେ ପାଖାପାଖି ୯୦ ପ୍ରତିଶତ ଘଟଣାକୁ ସଂରକ୍ଷିତ କରି ରଖିପାରେ ।
- ମଣିଷ ଶରୀରର ଡାହାଣପଟ ଫୁସ୍‌ଫୁସ୍ ବାମପଟଠାରୁ ବଡ଼ ।

## ରକ୍ତଚାପରୁ ରକ୍ଷା କରିବ ପନିର୍

ପନିର୍ ଉଚ୍ଚ ରକ୍ତଚାପରୁ ରକ୍ଷା କରେ ବୋଲି ଏକ ଅଧ୍ୟୟନରୁ ବୈଜ୍ଞାନିକମାନେ ଜାଣିବାକୁ ପାଇଛନ୍ତି । ଦୁଗ୍ଧ ଜାତୀୟ ଉତ୍ପାଦ ମାଧ୍ୟମରେ ସୋଡିୟମ ସେବନ କରୁଥିଲେ ହୃଦ୍ ପ୍ରଣାଳୀ ଉପରେ



ଥିବା ଏହାର ହାନିକାରକ ପ୍ରଭାବରୁ ପନୀର ରକ୍ଷା କରିଥାଏ । ପନିରରେ ଥିବା ଆଣ୍ଟିଅକ୍ସିଡାଣ୍ଟ ଉପାଦାନରୁ ଏହି ସୁରକ୍ଷା ମିଳେ ବୋଲି ଗବେଷକମାନେ କହିଛନ୍ତି । ଖାଦ୍ୟ ସଚେତନତାରେ ସୋଡିୟମର ପରିମାଣରେ ନିୟନ୍ତ୍ରଣ ରଖିବାକୁ ପ୍ରସ୍ତାବ ଦିଆଯାଉଥିବା ବେଳେ ସଦ୍ୟ ଅଧ୍ୟୟନ ଏହାକୁ ଖଣ୍ଡନ କରିଛି । ଅଧ୍ୟୟନର ତଥ୍ୟ ଅନୁସାରେ ଦୁଗ୍ଧ ଉତ୍ପାଦ ଯେମିତିକି ପନିର୍ ମାଧ୍ୟମରେ ସୋଡିୟମ୍ ସେବନ ରକ୍ଷାକାରୀ ହୋଇପାରେ । ଆମେରିକାର ପେନସିଲଭାନିଆ ଷ୍ଟେଟ୍ ୟୁନିଭରସିଟିର ସହ ପ୍ରଫେସର ଲାସି ଆଲେକଜାଣ୍ଡର ଏହା କହିଛନ୍ତି । ଅଧିକ ଦୁଗ୍ଧଜାତୀୟ ଉତ୍ପାଦ ଖାଉଥିବା ବ୍ୟକ୍ତିଙ୍କ ରକ୍ତଚାପ ନିମ୍ନ ରହେ । ଅନ୍ୟ ଉତ୍ପାଦ ତୁଳନାରେ ପନିର ମାଧ୍ୟମରେ ସୋଡିୟମ୍ ଶରୀରକୁ ଗଲେ ହୃତପିଣ୍ଡ ଉପରେ ତା'ର ନକାରାତ୍ମକ ପ୍ରଭାବ ନ ଥାଏ । ପନିରରେ ଉପଲବ୍ଧ ପ୍ରୋଟିନ୍ ଓ ପୋଷକ ତତ୍ତ୍ୱ ସୋଡିୟମର ନକାରାତ୍ମକ ପ୍ରଭାବରୁ ରକ୍ତବାହିକାକୁ ସୁରକ୍ଷା ପ୍ରଦାନ କରେ । ତେବେ ଏହି ସୁରକ୍ଷା ଦୀର୍ଘକାଳୀନ କି ନୁହେଁ, ତାହା ସ୍ପଷ୍ଟ ହୋଇ ନାହିଁ । ଅଧ୍ୟୟନ ନିମନ୍ତେ ଗବେଷକମାନେ ପ୍ରତିଯୋଗୀଙ୍କୁ ତିନି ଦିନ ମଧ୍ୟରେ ୫ ଟି ଭିନ୍ନ ଭିନ୍ନ ସମୟରେ ପନିର୍ ଓ ସୋୟା ପନିର୍ ଖାଇବାକୁ ଦେଇଥିଲେ । ଏହାପରେ ହୃଦ୍ ପ୍ରଣାଳୀ ଉପରେ ପ୍ରତ୍ୟେକ ଖାଦ୍ୟର ପ୍ରଭାବକୁ ସେମାନେ ତୁଳନା କରିଥିଲେ । ବ୍ରିଟିଶ୍ ପତ୍ରିକା 'ନ୍ୟୁଟ୍ରିସନ୍'ରେ ଏହି ଅଧ୍ୟୟନ ବିଷୟରେ ପ୍ରକାଶ ପାଇଛି ।

## ଉପକାରୀ ଧନିଆ

ଧନିଆରେ ଅନେକ ପ୍ରକାର ସ୍ୱାସ୍ଥ୍ୟ ଉପକାରୀ ଗୁଣ ରହିଛି । ଧନିଆରେ ପ୍ରଚୁର ପରିମାଣରେ ଭିଟାମିନ୍ 'ଏ' ଏବଂ ଫସଫରସ୍ ଭରି ରହିଛି । ଏହାକୁ ନିୟମିତ ଖାଇଲେ



ତାହା ଦୃଷ୍ଟିଶକ୍ତିକୁ ଆହୁରି ଦୃଢ଼ ରଖିଥାଏ ।

ଅଜୀର୍ଣ୍ଣ ସମସ୍ୟା ଦୂର କରିବାରେ ଏହା ଅନେକାଂଶରେ ସହାୟକ ହୋଇଥାଏ ।

## ଜହ୍ନିର ଔଷଧୀୟ ଗୁଣ

ଜହ୍ନି ଏକ ବର୍ଷା ଦିନିଆ ପରିବା । ଏହା ଗାଁ ଗହଳିରେ ବହୁ ପରିମାଣରେ ଫଳିଥାଏ । ବିନା ଖର୍ଚ୍ଚରେ ଅଳ୍ପ ପରିଶ୍ରମରେ ଭାଡିରେ ମାଡିଥାଏ ଜହ୍ନି । ଜହ୍ନିକୁ ବିଭିନ୍ନ ଉପାୟରେ ରାନ୍ଧି ଖାଇଥାନ୍ତି । କେବଳ ସେତିକି ନୁହେଁ, ଏଥିରେ ପ୍ରଚୁର ପରିମାଣରେ ପୋଷକତତ୍ତ୍ୱ ରହିଛି ।



**ଓଜନ କମ କରେ:** ଜହ୍ନିରେ ଖୁବ୍ କମ କ୍ୟାଲୋରି ଓ ଫାଇବର ଅଧିକ ମାତ୍ରାରେ ରହିଥାଏ । ଏହାକୁ ଖାଇବା ଦ୍ୱାରା ଭୋକ ଲାଗି ନ ଥାଏ । ଫଳରେ ଓଜନ ବଢ଼ିବାକୁ ଦିଏ ନହିଁ ।

**କ୍ୟାନସରରୁ ସୁରକ୍ଷା ଦିଏ:** ଜହ୍ନିରେ ଭିଟାମିନ୍ ସି' ଫଲେଟ ଓ ବିଟା କ୍ୟାରୋଟିନ ତତ୍ତ୍ୱ ରହିଛି, ଏହା କୋଷିକାକୁ ହାନିକାରକ ରସାୟନରୁ ରକ୍ଷା କରିବାରେ ସହାୟକ ହୋଇଥାଏ ତଥା କ୍ୟାନସର କୋଷିକାକୁ ବୃଦ୍ଧି ହେବାକୁ ଦିଏ ନାହିଁ ।

**ହୃଦରୋଗ:** ଏଥିରେ ମାଙ୍ଗାନିଜ୍ ଓ ଭିଟାମିନ୍ ସି' ପ୍ରଚୁର ମାତ୍ରାରେ ରହିଛି ଯାହା ହୃଦୟକୁ ମଜଭୁତ ରଖିବାରେ ସହାୟକ ହୋଇଥାଏ । ହୃଦୟ ରୋଗ ଓ ଏଥୋରୋସଲେରୋସିସ୍ ରୋଗର ଆଶଙ୍କା କମ୍ କରିଥାଏ । ଏଥିରେ ଥିବା ମ୍ୟାଗ୍ନେସିୟମ ବିଶେଷ ଭାବେ ହୃଦୟକୁ ସୁସ୍ଥ ରଖିବା ସହିତ ଷ୍ଟୋକର ଭୟକୁ ଦୂର କରିଥାଏ । ଏଥି ସହିତ ଉଚ୍ଚ ରକ୍ତ ଚାପର ଆଶଙ୍କା ଦୂର କରିଥାଏ ।

**ଦୃଷ୍ଟିଶକ୍ତି ବୃଦ୍ଧି କରେ:** ଆଖି ଲାଗି ଜହ୍ନି ରାମବାଣ ତୁଲ୍ୟ କାମ କରିଥାଏ । ଏଥିରେ ଥିବା ଲ୍ୟୁଟିନ୍ ଓ ଜେକ୍ସିଥିନ ତଥା ଆଣ୍ଟିଅକ୍ସିଡାଣ୍ଟ ଗୁଣ ଦୃଷ୍ଟି ଶକ୍ତି ବୃଦ୍ଧି କରିବାରେ ସହାୟକ ହୋଇଥାଏ ।

**ମଧୁମେହ ଦୂର:** ଏଥିରେ ଥିବା ଫାଇବର ଟାଇପ ୨ ମଧୁମେହ ରୋଗୀଙ୍କ ଲାଗି ଖୁବ୍ ଲାଭଦାୟୀ । ଏଥିରେ ପିତା ଅଂଶ ଥିବା ହେତୁ ଏହା ମଧୁମେହ ରୋଗୀଙ୍କ ଲାଗି ଖୁବ୍ ଉପକାରୀ ।

ଶ୍ୱାସ ଦୂର: ଏଥିରେ ଥିବା ଭିଟାମିନ୍ ସି' ଶ୍ୱାସ ରୋଗୀଙ୍କ ଲାଗି ଲାଭଦାୟକ ହୋଇଥାଏ ।

ଖାଦ୍ୟ ହଜମ କରେ: ଏଥିରେ ଥିବା ଫାଇବର ଖାଦ୍ୟକୁ ହଜମ କରିବା ସହିତ ପାଚନ କ୍ରିୟାକୁ ଉତ୍ତମ କରିଥାଏ ।

**ଲିଭରକୁ ସୁସ୍ଥ ରଖେ:** ନିୟମିତ ଜହ୍ନି ଖାଉଥିବା ବ୍ୟକ୍ତିଙ୍କ ଲିଭର ସୁସ୍ଥ ରହିଥାଏ । କାମଳ ରୋଗୀଙ୍କ ଲାଗି ମଧ ଏହା ଖୁବ୍ ଫଳପ୍ରଦ । ରୋଗୀଙ୍କ ନାକରେ ଦୁଇ ବୁନ୍ଦା ଜହ୍ନିରସ ପକାଇବା ଦ୍ୱାରା ଏହି ରୋଗ ଖୁବ୍ ଶୀଘ୍ର ଭଲ ହୋଇଥାଏ ।

**କେଶ କଳା କରେ:** କେଶକୁ କଳା କରିବାରେ ଜହ୍ନି ମୁଖ୍ୟ ଭୂମିକା ନେଇଥାଏ । ଏଥିପାଇଁ ଜହ୍ନିକୁ ଛୋଟ ଛୋଟ ଖଣ୍ଡରେ କାଟି ଏହାକୁ ଛାଇରେ ଶୁଖାଇ ଦିଅନ୍ତୁ । ଏହା ଶୁଖିଯିବା ପରେ ନଡିଆ ତେଲରେ ପକାଇ ୫ ଦିନ ରଖି ଦିଅନ୍ତୁ । ପରେ ଏହି ତେଲକୁ ଗରମ କରି ପ୍ରତିଦିନ ମୁଣ୍ଡରେ ମାଲିସ କରିବା ଦ୍ୱାରା କେଶ ଧୀରେଧୀରେ କଳା ହୋଇଯାଇ ଥାଏ ।

## କହିପାରିବେ କି ?

(୧) ଭାରତରେ କେତୋଟି କେନ୍ଦ୍ର ଶାସିତ ଅଞ୍ଚଳ ରହିଛି ?
(୨) ଅରୁଣାଚଳ ପ୍ରଦେଶର ରାଜଧାନୀର ନାଁ କ'ଣ ?
(୩) ଆନ୍ଧ୍ରପ୍ରଦେଶରେ କେଉଁ ଭାଷାରେ ଅଧିକ ଲୋକେ କଥାବାର୍ତ୍ତା ହୋଇଥାନ୍ତି ?
(୪) ଭାରତର କେଉଁ ରାଜ୍ୟରେ ସବୁଠୁ ଅଧିକ କଫି ଉତ୍ପାଦନ କରାଯାଏ ?
(୫) କେଉଁ ସହରରେ ପ୍ରଥମ ଥର ପାଇଁ ନାସନାଲ୍ ପୋଲିସ୍ ମ୍ୟୁଜିୟମ୍ ତିଆରି କରାଯାଇଛି ?
(୬) ଭାରତର କେଉଁ ସହରରେ ଲୋକସଂଖ୍ୟା ସର୍ବାଧିକ ?
(୭) ଭାରତର ଜାତୀୟ ସଙ୍ଗୀତର ନାଁ କ'ଣ ?
(୮) ନୂଆଦିଲ୍ଲୀରେ ଭାରତର ସଂସଦ ଭବନ କିଏ ଡିଜାଇନ୍ କରିଥିଲେ ?
(୯) ଭାରତରେ କେବେ ହିନ୍ଦୀ ଦିବସ ପାଳନ କରାଯାଏ ?
(୧୦) ଭାରତର ରାଷ୍ଟ୍ରୀୟ ସଙ୍ଗୀତର ନାଁ କ'ଣ ?

### JUMBLE WORDS

| | | | |
|---|---|---|---|
| 1) BLUMME | = | 6) DENUC | = |
| 2) UBRMEM | = | 7) LORENL | = |
| 3) NODUW | = | 8) CUBNOE | = |
| 4) WELOFL | = | 9) PKIMS | = |
| 5) HIWEG | = | 10) EELVA | = |

ଏହି ସମସ୍ତ ପ୍ରଶ୍ନର ଉତ୍ତର ସଂପାଦକ, "ସ୍ୱୀକାର", ଲେବର କଲୋନୀ ମୁଦିପଡ଼ା, ସମ୍ବଲପୁରଙ୍କ ଠିକଣାରେ ପଠାଇବାକୁ ଅନୁରୋଧ । ସମସ୍ତଙ୍କ ଜାଣିବା ପାଇଁ ସମସ୍ତ ପ୍ରଶ୍ନର ଉତ୍ତର ଆସନ୍ତା ସଂଖ୍ୟାରେ ଦିଆଯିବ ।

**ଗତ ସଂଖ୍ୟାର କହିପାରିବେ କି ? ର ଉତ୍ତର :-**

୧.ନୋଭାକ୍ ଜୋକୋଭିକ୍, ୨. ମେଘାଳୟ, ୩.ନଗରକୀର୍ତ୍ତନ, ୪. ସିମୋନା ହାଲେପ୍, ୫.କେରଳ, ୬. ଜାକିର୍ ହୁସେନ୍, ୭.ବଙ୍ଗଳା, ୮.ସୁଟିଂ, ୯.ୱେନଗଙ୍ଗା, ୧୦.ଜୁଲାଇ ୧୮ ।

***Jumble Words*** **ର ଉତ୍ତର :-**

(1) BAMBOO (2) VELVET (3) PLANT (4) HABIT (5) WILLOW
(6) RATIFY (7) VENUE (8) UNDUE (9) CHORD (10) HEDGE

# ଦେଶରେ ହିନ୍ଦୁ କମୁଛନ୍ତି, ମୁସଲମାନ ବଢୁଛନ୍ତି

ନୂଆଦିଲ୍ଲୀ : ଭାରତରେ ହିନ୍ଦୁଙ୍କ ସଂଖ୍ୟା ହ୍ରାସ ପାଇ ଚାଲିଥିଲା ବେଳେ ମୁସଲମାନ ଓ ଅନ୍ୟ ସଂଖ୍ୟାଲଘୁଙ୍କ ସଂଖ୍ୟା ଆନୁପାତିକ ଭାବେ ବଢ଼ି ଚାଲିଛି । ପ୍ରଧାନମନ୍ତ୍ରୀଙ୍କ ଅର୍ଥନୈତିକ ପରାମର୍ଶଦାତା ପରିଷଦ ପକ୍ଷରୁ କରାଯାଇଥିବା ଆକଳନରୁ ଏହି ତଥ୍ୟ ସାମ୍ନାକୁ ଆସିଛି । ୨୦୧୧ ପରଠାରୁ ଭାରତରେ ଜନଗଣନା ହୋଇ ନ ଥିଲେ ମଧ ସଦ୍ୟ ପ୍ରକାଶିତ ୧୯୫୦ରୁ ୨୦୧୫ ପର୍ଯ୍ୟନ୍ତ ଏହି ପରିସଂଖ୍ୟାନ ପରିବର୍ତ୍ତିତ ଜନସଂଖ୍ୟା ସ୍ଥିତି ଉପରେ ଆଲୋକପାତ କରିଛି । ନୂଆ ତଥ୍ୟ ଅନୁସାରେ ଭାରତରେ ଏହି ବର୍ଷେ ମଧରେ ହିନ୍ଦୁଙ୍କ ସଂଖ୍ୟା ୭.୮ ପ୍ରତିଶତ ହ୍ରାସ ପାଇଥିଲାବେଳେ ମୁସଲମାନଙ୍କ ସଂଖ୍ୟା ୪୩.୧୫ ପ୍ରତିଶତ ବୃଦ୍ଧି ଘଟିଛି । ୧୯୫୦ରେ ହିନ୍ଦୁଙ୍କ ସଂଖ୍ୟା ୮୪ ପ୍ରତିଶତ ଥିଲାବେଳେ ୨୦୧୫କୁ ଏହା ୭୮ ପ୍ରତିଶତକୁ ହ୍ରାସ ପାଇଛି । ସେହି ୬୫ ବର୍ଷ ମଧରେ ମୁସଲମାନଙ୍କ ସଂଖ୍ୟା ୯.୮୪ରୁ ୧୪.୦୯କୁ ବୃଦ୍ଧି ପାଇଛି । ସେହିଭଳି ଖ୍ରୀଷ୍ଟିଆନ୍‌ଙ୍କ ସଂଖ୍ୟା ୫୩୮ ପ୍ରତିଶତ ହ୍ରାସ ପାଇଥିବା ବେଳେ ଶିଖ୍‌ଙ୍କ ସଂଖ୍ୟା ୬,୫୮ ପ୍ରତିଶତ ବୃଦ୍ଧି ପାଇଛି । ଅପରପକ୍ଷରେ ବୌଦ୍ଧଙ୍କ ସଂଖ୍ୟା ସାମାନ୍ୟ ବୃଦ୍ଧି ଘଟିଛି । ଜୈନ୍ ଓ ପାର୍ସିଙ୍କ ସଂଖ୍ୟା ମଧ ହ୍ରାସ ପାଇଛି ।

ଭାରତରେ ସଂଖ୍ୟାବହୁଳ ଜନସଂଖ୍ୟା ହ୍ରାସ ପାଇଥିଲା ବେଳେ ପଡୋଶୀ ପାକିସ୍ଥାନ ଓ ବାଂଲାଦେଶରେ ବୃଦ୍ଧି ପାଇଛି ଅର୍ଥାତ୍ ଭାରତରେ ହିନ୍ଦୁ ହ୍ରାସ ପାଉଥିବା ବେଳେ ପାକିସ୍ତାନ ଓ ବାଂଲାଦେଶରେ ମୁସଲମାନ ବଢୁଛନ୍ତି । ଭାରତର ଅନ୍ୟତମ ପଡ଼ୋଶୀ ମ୍ୟାମାରରେ ବୌଦ୍ଧଙ୍କ ସଂଖ୍ୟା ୧୦ ଓ ନେପାଳରେ ହିନ୍ଦୁଙ୍କ ସଂଖ୍ୟା ୩.୬ ପ୍ରତିଶତ ହ୍ରାସ ଘଟିଛି । ବାଂଲାଦେଶରେ ମୁସଲମାନଙ୍କ ସଂଖ୍ୟା ୧୮.୫ ପ୍ରତିଶତ ବୃଦ୍ଧି ପାଇଥିଲା ବେଳେ ଆଫଗାନିସ୍ତାନରେ ୦.୨୯ ଓ ପାକିସ୍ତାନରେ ହନାଫି ସମ୍ପ୍ରଦାୟଙ୍କ ସଂଖ୍ୟା ୩.୭୫କୁ ମିଶାଇ ସମୁଦାୟ ମୁସଲମାନଙ୍କ ସଂଖ୍ୟା ୧୦ ପ୍ରତିଶତବୃଦ୍ଧି ପାଇଛି । ମାଳଦ୍ୱୀପରେ ମୁସଲମାନଙ୍କ ସଂଖ୍ୟା ୧.୪୭ ପ୍ରତିଶତ ବୃଦ୍ଧି ଘଟିଛି । ଅନ୍ୟତମ ପଡ଼ୋଶୀ ଭୁଟାନ ଓ ଶ୍ରୀଲଙ୍କାରେ ସଂଖ୍ୟାବହୁଳ ବୌଦ୍ଧଙ୍କ ସଂଖ୍ୟା ଯଥାକ୍ରମେ ୧୭.୬ ଓ ୫.୨୫ ପ୍ରତିଶତ ବୃଦ୍ଧି ଘଟିଛି ।

ବିଶ୍ୱର ୧୬୭ଟି ରାଷ୍ଟ୍ରରେ ଜନସଂଖ୍ୟାର ପରିବର୍ତ୍ତିତ ସ୍ଥିତିକୁ ନେଇ ହୋଇଥିବା ଅନୁଧାନରୁ ବିଶେଷଜ୍ଞମାନେ ଏଭଳି ଅନେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ହାସଲ କରିଛନ୍ତି । ଭାରତ ଭଳି ବିଶ୍ୱର ପ୍ରାୟ ୧୨୩ଟି ରାଷ୍ଟ୍ରରେ ସଂଖ୍ୟାବହୁଳ ସମ୍ପ୍ରଦାୟଙ୍କ ସଂଖ୍ୟା ଅଳ୍ପବହୁତେ ହ୍ରାସ ପାଉଥିବା ରିପୋର୍ଟରେ ଦର୍ଶାଯାଇଛି । ଏହି ଅନୁପାତ ସାମଗ୍ରିକ ଭାବେ ୨୨ପ୍ରତିଶତ ବୋଲି ଏଥିରେ କୁହାଯାଇଛି । ଅପରପକ୍ଷରେ ୩୫ଟି ଉଚ୍ଚ ଆୟକାରୀ ସହଯୋଗୀ ରାଷ୍ଟ୍ର(ଓସିଇଡି) ର ସଂଖ୍ୟାଗରିଷ୍ଠ ସମ୍ପ୍ରଦାୟର ଜନସଂଖ୍ୟା ହାରାହାରି ୨୯ ପ୍ରତିଶତ ହ୍ରାସ ପାଇଥିବାବେଳେ ସାମଗ୍ରିକ ଭାବେ ବିଶ୍ୱରେ ଏହି ହାର ୨୨ ପ୍ରତିଶତ । ଭାରତରେ ସଂଖ୍ୟାଲଘୁଙ୍କ ସ୍ୱାର୍ଥରକ୍ଷା ପାଇଁ ବହୁବିଧ କାର୍ଯ୍ୟକ୍ରମ, ରାଜନୈତିକ ନିଷ୍ପତ୍ତି ଓ ସାମାଜିକ ବିଧବ୍ୟବସ୍ଥା ବିବିଧତା ସତ୍ତ୍ୱେ ସବୁ ସମ୍ପ୍ରଦାୟ ପାଇଁ ଅନୁକୂଳ ରହିଛି ଏବଂ ପ୍ରକାରାନ୍ତରେ ଏହା ସଂଖ୍ୟାଲଘୁଙ୍କ ସଂଖ୍ୟା ବୃଦ୍ଧିରେ ସହାୟକ ହେଉଥିବା ରିପୋର୍ଟରେ କୁହାଯାଇଛି । ଏଥିରେ ସରକାରଙ୍କ ପ୍ରଗତିଶୀଳ ନୀତିକୁ ପ୍ରଶଂସା କରାଯାଇଛି ।

## ଆଇଆଇଟି ମାଡ୍ରାସ୍ ଓ ସମ୍ବଲପୁର ବିଶ୍ୱବିଦ୍ୟାଳୟ ମଧରେ ଏମଓୟୁ ସ୍ୱାକ୍ଷରିତ

ବୁର୍ଲା: ଆଇଆଇଟି ମାଡ୍ରାସ ଏବଂ ସମ୍ବଲପୁର ବିଶ୍ୱବିଦ୍ୟାଳୟ ମଧରେ ଏମ୍‌ଓୟୁ ସ୍ୱାକ୍ଷରିତ ହୋଇ ବିଭିନ୍ନ ଗବେଷଣାରେ ପରସ୍ପର ମଧରେ ସହଯୋଗ କରିବାକୁ ସହମତି ପ୍ରକାଶ ପାଇଛି । ସମ୍ବଲପୁର ବିଶ୍ୱବିଦ୍ୟାଳୟ ପକ୍ଷରୁ - କୁଳସଚିବ ଡକ୍ଟର ନୃପରାଜ ସାହୁ ଓ ସୁଇଟ୍ ମହାବିଦ୍ୟାଳୟର ନିର୍ଦ୍ଦେଶକ ଡକ୍ଟର ବସନ୍ତ କୁମାର ମହାନ୍ତି ଚୁକ୍ତିନାମାରେ ସ୍ୱାକ୍ଷର କରିଥିବା ବେଳେ ଆଇଆଇଟି ମାଡ୍ରାସ ପକ୍ଷରୁ ନିର୍ଦ୍ଦେଶକ ଭି. କାମାକୋଟି ଓ ଡିନ୍ ଛାତ୍ର ଏକାଡେମିକ୍ ପ୍ରତାପ ହରେଫୋସ୍ ସ୍ୱାକ୍ଷର କରିଛନ୍ତି । ଆଇଆଇଟି ମାଡ୍ରାସ ନିର୍ଦ୍ଦେଶକଙ୍କ କହିବାନୁଯାୟୀ, ଏହି ଏମ୍‌ଓୟୁ ସ୍ୱାକ୍ଷରିତ ହେବା ଫଳରେ ଉଭୟ ଅନୁଷ୍ଠାନ ମଧରେ ସର୍ବୋତ୍ତମ ଅଭ୍ୟାସ ବାଣ୍ଟିବାରେ ସାହାଯ୍ୟ କରିବ ଏବଂ ବିକଶିତ ଭାରତର ଉଦ୍ୟୋଗ ବୁଝିବାକୁ ସୁବିଧା ହେବ । ସୁଇଟ୍‌ର ନିର୍ଦ୍ଦେଶକ ଡକ୍ଟର ମହାନ୍ତି କହିଛନ୍ତି, ଏହି ଚୁକ୍ତି ଫଳରେ ପାଠ୍ୟକ୍ରମର ବିକାଶ, କ୍ରେଡିଟ୍ ଟ୍ରାନ୍ସଫର ମାଧମରେ ଛାତ୍ର ବିନିମୟ, ଦକ୍ଷତା ବିକାଶ କାର୍ଯ୍ୟକ୍ରମ, ଏଆଇରେ ମିଳିତ ଅନୁସନ୍ଧାନ ଏବଂ ସହଯୋଗ, ସାଇବର ସିକ୍ୟୁରିଟି, ଚିପ୍ ଡିଜାଇନ୍ ଏବଂ ସବୁଜ ପ୍ରଯୁକ୍ତି ବିଦ୍ୟା ପାଇଁ ଏମ୍‌ଓୟୁ ଶିକ୍ଷାନୁଷ୍ଠାନରେ ଶିକ୍ଷକଙ୍କ ସହିତ ଜଡିତହୋଇ କାର୍ଯ୍ୟ କରିବାରେ ସାହାଯ୍ୟ କରିବ ।

## ବିଜେଡି ଛାଡିଲେ ପୂର୍ବତନ ପୌରାଧକ୍ଷ

ବରଗଡ଼: ବରଗଡ଼ ପୌର ପରିଷଦର ପୂର୍ବତନ ପୌରାଧକ୍ଷ ପ୍ରଶାନ୍ତ ବେହେରା ବିଜେଡିରୁ ଇସ୍ତଫା ଦେଇ ଭାଜପାରେ ମିଶିଛନ୍ତି । ସେହିପରି ବେହେରାଙ୍କ ସ୍ତ୍ରୀ ଜୟା ଏବଂ ପୁଅ ମନିଶ ମାସୁମ ମଧ ବିଜେପିରେ ଯୋଗ ଦେଇଛନ୍ତି ।

## ବିପର୍ଯ୍ୟସ୍ତ ଡିଏଚ୍‌ଏଚ୍ ସ୍ୱାସ୍ଥ୍ୟ ବ୍ୟବସ୍ଥା

ସମ୍ବଲପୁର : ନୂଆ ରୋଗୀଙ୍କୁ ନୂଆ ଆଇସିୟୁ ସେବା ପାଇଁ ବେସରକାରୀ ହସ୍ପିଟାଲ ଉପରେ ନିର୍ଭର କରିବାକୁ ପଡୁଛି । ଦୀର୍ଘ ଦିନରୁ ଜିଲ୍ଲା ସଦର ମହକୁମା ହାସ୍ପାତାଲରେ ଆଇସିୟୁ ସେବା ଯୋଗାଇବାକୁ ଦାବି କରୁଥିଲେ ମଧ ଏଯାଏଁ ଆରମ୍ଭ ହୋଇପାରିଲା ନାହିଁ । ସେବା ଯୋଗାଇବା ଘୋଷଣାକୁ ପ୍ରାୟ ଦେଢ଼ ବର୍ଷ ପୂରିବା ପରେ ମଧ ଏହି ହାସ୍ପାତାଲରେ ଆଇସିୟୁ ସେବା ଖୋଲିଲା ନାହିଁ । ଏବେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ୧୨ଟି ଆଇସିୟୁ ବେଡ୍ ରହିଛି । କିନ୍ତୁ କାମକୁ ଆସୁନି । ଲୋକଙ୍କୁ ସେବା ମିଳୁନାହିଁ । ଡାକ୍ତର, ନର୍ସ ଓ ଅନ୍ୟ କର୍ମଚାରୀ କୁଶଳୀ ନ ଥିବାରୁ ଆଇସିୟୁ କାର୍ଯ୍ୟକ୍ଷମ ହୋଇପାରୁ ନାହିଁ । ୩ ବର୍ଷ ତଳେ କୋଭିଡ୍ ପାଇଁ ୧୨ଟି ଭେଣ୍ଟିଲେଟର୍ ଓ ଅନ୍ୟ ସାମଗ୍ରୀ ଆସିଥିଲା । ହେଲେ ଏଗୁଡ଼ିକ ଏବେ ସେମିତି ପଡ଼ି ପଡ଼ି ଖତ ଖାଉଛି । ଲୋକ ଆଇସିୟୁ ଅଭାବରୁ ପ୍ରାଣ ହରାଉଛନ୍ତି । କିନ୍ତୁ ସମ୍ବଲପୁର ଡିଏଚ୍‌ଏଚ୍‌ରେ ରହି ନଷ୍ଟ ହେଉଛି । ଆଉ କିଛି ଭେଣ୍ଟିଲେଟର ବୁର୍ଲା ଭିମସାରକୁ ସ୍ଥାନାନ୍ତର କରାଗଲା । କୋଭିଡ ସମୟରେ ଘରୋଇ ହସ୍ପିଟାଲକୁ ଦିଆଯାଇଥିବା ସମସ୍ତ ୨୪ ଆଇସିୟୁକୁ ବୁର୍ଲାକୁ ଦିଆଗଲା । ତଥାପି, ଆଜି ପର୍ଯ୍ୟନ୍ତ ଆଇସିୟୁ ସେବା ଜିଲ୍ଲା ସଦର ମହକୁମା ହାସ୍ପାତାଲରେ ଖୋଲିଲା ନାହିଁ ।

ଜିଲ୍ଲାରେ ଲୋକ ସଂଖ୍ୟା ଦୃଷ୍ଟିରୁ ସମ୍ବଲପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ବହୁ ସଂଖ୍ୟାରେ ଗୁରୁତର ରୋଗୀ ଆସିଥାନ୍ତି । ଦୁର୍ଘଟଣାଗ୍ରସ୍ତ ଓ ସଙ୍କଟାପନ୍ନ ରୋଗୀ ପ୍ରଥମେ ଏଠାକୁ ଆସିବା ପରେ ତୁରନ୍ତ ବୁର୍ଲା ସ୍ଥାନାନ୍ତର ହୁଅନ୍ତି । କାରଣ ଏଠାରେ ଆଇସିୟୁ ବ୍ୟବସ୍ଥା ନ ଥିବାରୁ ତାଙ୍କୁ ବୁର୍ଲାକୁ ପଠାଯାଇଥାଏ । ହେଲେ ସେଠାରେ ମଧ ଅଧିକ ସଂଖ୍ୟାରେ ଆଇସିୟୁ ବେଡ୍ ନ ଥିବାରୁ ଲୋକଙ୍କ ଜୀବନ ଯାଉଥିବା ଅନେକ ଥର ଅଭିଯୋଗ ହୋଇଛି । ତେଣୁ ସମ୍ବଲପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଅତି କମରେ ୧୦ଟି ଆଇସିୟୁ ବେଡ୍ ଖୋଲିବାକୁ ଦାବି ହୋଇଆସୁଛି । ଏମିତି କି, କୋଭିଡ୍ ସମୟରେ ଆସିଥିବା ୧୨ଟି ଭେଣ୍ଟିଲେଟର୍ ଓ ଅନ୍ୟ ସାମଗ୍ରୀ ଏବେ ଖତ ଖାଉଛି । ଆଇସିୟୁ ଚଳାଇବାକୁ କୁଶଳୀ କର୍ମଚାରୀ ନଥିବାରୁ ଏହା ସେମିତି ଡଷ୍ଟବିନ୍ ହୋଇ ପଡିରହିଛି ।

ଚିକିତ୍ସାଳୟରେ ଥିବା ୧୨ଟି ଭେଣ୍ଟିଲେଟର ମଧରୁ ପ୍ରାଥମିକ ପର୍ଯ୍ୟାୟରେ ଗତବର୍ଷ ଅଗଷ୍ଟ ମାସରୁ ୫ଟି ବେଡ୍ ଆରମ୍ଭ କରିବାକୁ ସିଡିଏମ୍‌ଓ କହିଥିଲେ । ପରେ ସଂଖ୍ୟା ବଢ଼ି ୧୨ଟି ଚଳାଇବାକୁ ଚେଷ୍ଟା କରାଯିବ ବୋଲି କୁହାଯାଇଥିଲା । ହେଲେ ଏହା ଭିତରେ ପ୍ରାୟ ବର୍ଷେ ସମୟ ହୋଇଯାଇଥିଲେ ମଧ ଏ ଦିଗରେ ପାଦେ ଆଗେଇ ନାହିଁ । ଏମିତି କି, ଏହାକୁ ପରିଚାଳନା କରିବାକୁ ୧୦ଟି ଆଇସିୟୁ ପାଇଁ ଅତି କମ୍‌ରେ ୮ ଜଣ ଡାକ୍ତର, ୪୫ ଜଣ ନର୍ସ ଏବଂ ଅନ୍ୟ କର୍ମଚାରୀଙ୍କ ଆବଶ୍ୟକତା ରହିଛି । ସେମାନେ କୁଶଳୀ ହେବା ମଧ ନିହାତି ଆବଶ୍ୟକ ।

## ଡାକ୍ତର ରାସେଶ୍ୱରୀ ପାଣିଗ୍ରାହୀ ୱେଲଫେୟାର ଟ୍ରଷ୍ଟ ପକ୍ଷରୁ ୫ ଜଣଙ୍କୁ ସହାୟତା ପ୍ରଦାନ



ସମ୍ବଲପୁର : ଡାକ୍ତର ରାସେଶ୍ୱରୀ ପାଣିଗ୍ରାହୀ ୱେଲଫେୟାର ଟ୍ରଷ୍ଟ ପକ୍ଷରୁ ୩ ଜଣଙ୍କୁ ଉଚ୍ଚ ଶିକ୍ଷା ଏବଂ ୨ ଜଣଙ୍କୁ ଚିକିତ୍ସା ସକାଶେ ମୋଟ ୪୭ ହଜାର ୫ଶହ ୧୪ ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରାଯାଇଛି । ଟ୍ରଷ୍ଟ ପ୍ରତିଷ୍ଠାତ୍ରୀ ଡାକ୍ତର ପାଣିଗ୍ରାହୀଙ୍କ ଉପସ୍ଥିତିରେ ଅଧକ୍ଷ ପ୍ରଫେସର ଶଙ୍କର ପ୍ରସାଦ ପତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ଟ୍ରଷ୍ଟ ବୈଠକରେ ଉପରୋକ୍ତ ସହାୟତା ରାଶି ମଞ୍ଜୁର କରାଯାଇଛି । ବୈଠକରେ ସମ୍ପାଦକ ସୁଭାଷ ଚନ୍ଦ୍ର ପାଣିଗ୍ରାହୀ ଓ କୋଷାଧକ୍ଷ ସ୍ୱରୂପ ପୁରୋହିତ ଟ୍ରଷ୍ଟର ଆଗାମୀ ଦିନର କାର୍ଯ୍ୟପନ୍ଥାର ରୂପରେଖ ଉପସ୍ଥାପନ କରିଥିବା ବେଳେ ସଭ୍ୟବୃନ୍ଦ ଡକ୍ଟର ନିରୁପମା ବଡପଣ୍ଡା, ଦେବାଶିଷ ନନ୍ଦ, ବିପିନ ବିହାରୀ ପଣ୍ଡା, ସୁବ୍ରତ ପଣ୍ଡା ଓ ଶିବ ନନ୍ଦ ଆଲୋଚନାରେ ଭାଗ ନେଇଥିଲେ ।

## ନିର୍ବାଚନ ପ୍ରଚାର... (ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ)

କେହି କାହାରିକୁ କମ୍ ନୁହନ୍ତି । ସମସ୍ତେ ସମସ୍ତଙ୍କୁ ବଳି । ଏହି ବିଷୟକୁ ନେଇ ରାଜ୍ୟରେ ଚର୍ଚ୍ଚା, ଆଲୋଚନା ଆରମ୍ଭ ହୋଇଛି ।

ବିଭିନ୍ନ ସମୟରେ ନେତା-ନେତାଙ୍କ ମଧରେ ଏଭଳି ଭାଷାଭିଭିକ ଟିପ୍ପଣୀକୁ ବିରୋଧୀ କରି ଯେଉଁମାନେ ତା' ଉପରେ ମନ୍ତବ୍ୟ ରଖୁଛନ୍ତି, ସେମାନେ ମଧ ସମାନ ଭାଷା ପ୍ରୟୋଗ କରୁଛନ୍ତି । ସେଠି ବି ତା'ର ପ୍ରତିଫଳନ ଦେଖିବାକୁ ମିଳୁଛି । ବିଶେଷକରି ସୋସିଆଲ୍ ମିଡିଆ ବା ଡିଜିଟାଲ୍ କ୍ୟାମ୍ପେନିଂରେ ଏହା ନିଆଁ ପରି ବ୍ୟାପିବାରେ ଲାଗିଛି । ବିଭିନ୍ନ ନିର୍ବାଚନୀ ଗୀତରେ ବି ଏହିପରି ଭାଷାକୁ ବ୍ୟବହାର କରିଛନ୍ତି ଦଳ ଓ ନେତା । ଅନ୍ୟକୁ ଛୋଟ ବା ନୀଚ ଦେଖାଇବା ପାଇଁ କୋଟି କୋଟି ଖର୍ଚ୍ଚ କରି ପ୍ରାଣମୂର୍ଚ୍ଛା ଉଦ୍ୟମ ସହ କଳବଳ କୌଶଳ ଲଗାଇ ଦେଇଛନ୍ତି । ଏନେଇ କିଛି କମ୍ ଅଭିଯୋଗ ବି ନାହିଁ । ସେଥିପାଇଁ ଇତି ମଧରେ ସମସ୍ତ ରାଜନୈତିକ ଦଳର ଶୀର୍ଷ ନେତାଙ୍କୁ ନିର୍ବାଚନ କମିଶନ (ଇସି) ନିବେଦନ କରି କହିଛନ୍ତି, ଏଭଳି ଭାଷଣ ଦିଅନ୍ତୁ, ଯେଭଳି ସମାଜକୁ ଭୁଲ୍ ନୁହେଁ ଭଲ ବାର୍ତ୍ତା ଯିବ । ନିଜ ପ୍ରଚାର ଶୈଳୀ ଏବଂ ଭାଷଣ ଦ୍ୱାରା ଭଲ ଉଦାହରଣ ସୃଷ୍ଟି କରନ୍ତୁ । ଜାତି, ଧର୍ମ, ସମୁଦାୟ ଏବଂ ଭାଷା ଆଧାରରେ ଲୋକଙ୍କୁ ବାଣ୍ଟିବା ଏବଂ ଘୃଣା ପ୍ରସାରରୁ ଦୂରେଇ ରୁହନ୍ତୁ । ଜନପ୍ରତିନିଧି ଅଧିନିୟମ ମଧ ଏକଥା ସ୍ପଷ୍ଟ ଉଲ୍ଲେଖ ରହିଛି କି, ଘୃଣାର ଭାଷାକୁ କଦାପି ବରଦାସ୍ତ କରାଯିବ ନାହିଁ । ଯାହାକୁ ସୁପ୍ରିମ୍‌କୋର୍ଟ ମଧ ବାରମ୍ବାର ଗୁରୁତ୍ୱ ଦେଇ ଆସିଛନ୍ତି ।

## ରେଡକ୍ରସ୍ ସୋସାଇଟି ପକ୍ଷରୁ ପ୍ରଶିକ୍ଷଣ ଶିବିର

ସମ୍ବଲପୁର: ପୋତାପାଲି ସ୍ଥିତ ବିଆର ଷ୍ଟିଲ ଆଣ୍ଡ ପାୱାର କାରଖାନାରେ ରେଡକ୍ରସ ସୋସାଇଟି ସମ୍ବଲପୁର ଶାଖା ତରଫରୁ ଦୁଇ ଦିନିଆ ପ୍ରଶିକ୍ଷଣ ଶିବିର ଆୟୋଜିତ ହୋଇଯାଇଛି । କୌଣସି ଦୁର୍ଘଟଣା ହେଲେ କିପରି ଲୋକଙ୍କର ପ୍ରାଥମିକ ଉପଚାର କରାଯିବ ସେ ନେଇ ତାଲିମ ପ୍ରଦାନ କରାଯାଇଥିଲା । ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ରେଡକ୍ରସ ସୋସାଇଟି ସମ୍ବଲପୁର ଶାଖା ତରଫରୁ ସଚିବ ଜୟ ଜର୍ଜ ଯୋଗ ଦେଇଥିଲେ । ରେଡକ୍ରସ ସୋସାଇଟିର ଡାକ୍ତର ରାଜାରାମ ଷଡ଼ଙ୍ଗୀ ଏବଂ ସମ୍ବଲପୁର ଶାଖାର କ୍ଷେତ୍ର ଅଧିକାରୀ ପ୍ରମିଳା ବେହେରା ୨ ଦିନ ଧରି ତାଲିମ ପ୍ରଦାନ କରିଥିଲେ । ଏଥି ସହିତ ମାନବ ସମ୍ବଳ ଗ୍ରୁପ ମୁଖ୍ୟ ଈଶ୍ୱର ଚନ୍ଦ୍ର ବିଶ୍ୱାଳ, କାରଖାନାର ଉପ ସଭାପତି ରୋହିତ ମହାପାତ୍ର, କର୍ପୋରେଟ୍ ସୁରକ୍ଷା ଏବଂ ପରିବେଶ ମୁଖ୍ୟ ପ୍ରମୋଦ କୁମାର ମହାନ୍ତି ଓ କାରଖାନାର ମାନବ ସମ୍ବଳ ବରିଷ୍ଠ ପ୍ରବନ୍ଧକ ଜଗଦାନନ୍ଦ ମହାପାତ୍ର ଅତିଥି ଭାବରେ ଯୋଗ ଦେଇଥିଲେ । ସୁରକ୍ଷା ଏବଂ ପରିବେଶ ମୁଖ୍ୟ ଶ୍ରୀ ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ପ୍ରଶିକ୍ଷଣ ଶିବିରରେ ଯୋଗ ଦେଇଥିବା କର୍ମଚାରୀମାନଙ୍କୁ ରେଡକ୍ରସ ସୋସାଇଟି ସମ୍ବଲପୁର ଶାଖା ତରଫରୁ ମାନପତ୍ର ପ୍ରଦାନ କରାଯାଇଥିଲା ।


### ଗ୍ରାହକମାନଙ୍କ ପାଇଁ ବିଶେଷ ସୂଚନା

ସାପ୍ତାହିକ 'ସ୍ୱୀକାର' ନେବା ପାଇଁ ଆଗ୍ରହୀ ଗ୍ରାହକମାନେ ତାଙ୍କର ଦେୟ କାନାରା ବ୍ୟାଙ୍କ ସମ୍ବଲପୁର ଶାଖାର ଏକାଉଣ୍ଟ ନମ୍ବର ୦୧୮୫୨୦୧୦୨୧୫୩୮, ଆଇଏଫସି କୋଡ- ସିଏନ୍‌ଆର୍‌ବି ୦୦୦୦୧୮୫ ରେ ଏନଇଏଫଟି, ଆରଟିଜିଏସ୍ ମାଧମରେ ଜମା କରି ପାରିବେ ।

### Subscription Rate of The Sweekar

| | | |
|---|---|---|
| Life Member | - | Rs.5000.00 |
| Annual | - | Rs. 500.00 |
| Half-yearly | - | Rs. 250.00 |
| Quarterly | - | Rs. 120.00 |

### Advertisement Tariff of The Sweekar

| | | |
|---|---|---|
| Full Page | - | Rs. 2,00,000.00 |
| Half Page | - | Rs. 1,00,000.00 |
| Quarter Page | - | Rs. 50,000.00 |

Colour Advertisement - 100% Extra

# ଦେଶର ଶ୍ରେଷ୍ଠ ୫୦ ସହର ମଧ୍ୟରେ ସମ୍ବଲପୁର ସର୍ବାଗ୍ରେ ରହିବ: ଧର୍ମେନ୍ଦ୍ର ପ୍ରଧାନ

ସମ୍ବଲପୁର : ସମ୍ବଲପୁରକୁ ଆଗାମୀ ୫ରୁ ୭ ବର୍ଷ ମଧ୍ୟରେ ଦେଶର ଶ୍ରେଷ୍ଠ ୫୦ ସହର ମଧ୍ୟରେ ପରିଣତ କରାଯିବ ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି ।

ରାଧା ଶ୍ରୀନିବାସ ସେବା ଟ୍ରଷ୍ଟ ଏବଂ ଭାରତ ବିକାଶ ପରିଷଦର ମିଳିତ ଆନୁକୁଲ୍ୟରେ ସ୍ଥାନୀୟ ଡକ୍ଟର ରାଧାନାଥ ରଥ କମ୍ୟୁନିଟି ସେଣ୍ଟରରେ ଆୟୋଜିତ 'ମୋର ସ୍ୱପ୍ନର ସମ୍ବଲପୁର-୨୦୪୭ର କଳ୍ପନା' କାର୍ଯ୍ୟକ୍ରମରେ ଯୋଗଦେଇ ଶ୍ରୀ ପ୍ରଧାନ କହିଥିଲେ ଯେ, ଏଥିପାଇଁ ସମ୍ବଲପୁରର ବ୍ରାଣ୍ଡେଡ୍, ପର୍ଯ୍ୟାପ୍ତ ପ୍ରତିଭା ଏବଂ ଭବିଷ୍ୟତଗାମୀ ଦୃଷ୍ଟିଭଙ୍ଗୀ (ବ୍ରାଣ୍ଡେଡ୍, ଟ୍ୟାଲେଣ୍ଟଫୁଲ୍ ଏବଂ ଫ୍ୟୁଚରିଷ୍ଟିକ୍ ଆପ୍ରୋଚ୍) ହିଁ ଆୟୁଧ ହେବ । ବିକଶିତ ଭାରତ ଓ ବିକଶିତ ସମ୍ବଲପୁରକୁ ନେଇ ନିଜର ସ୍ୱପ୍ନ ଉପରେ ଶ୍ରୀ ପ୍ରଧାନ କହିଥିଲେ ଯେ, ଆସନ୍ତା ୨୩ ବର୍ଷ ପରେ ଅପାର ସମ୍ଭାବନାର ଅଞ୍ଚଳ ସମ୍ବଲପୁରରେ ଐତିହ୍ୟ, ଜୀବନଜୀବିକା, ଜ୍ଞାନର ପ୍ରଣାଳୀ, ଅର୍ଥନୀତି କଣ ହେବ, ଏହା ଉପରେ ଆମକୁ ଭାବିବା ପାଇଁ ପଡିବ । କେବଳ ଭାବିଲେ ହେବ ନାହିଁ, ବ୍ୟକ୍ତିଗତ ସ୍ତରରେ ଦାୟିତ୍ୱ ନେବା ପାଇଁ ପଡିବ । ଜଣେ ଲୋକ ଦାୟିତ୍ୱ ନେଲେ ୧୦ ଜଣଙ୍କ ଅଧିକାର ସୁରକ୍ଷିତ ରୁହେ । ତେଣୁ କେବଳ ଦାବି କଲେ ହେବ ନାହିଁ ବ୍ୟକ୍ତିଗତ ସ୍ତରରେ ସମାଧାନର ରାସ୍ତା ବାହାର କରିବା ପାଇଁ ପଡିବ । ମୋର ସ୍ୱପ୍ନ କଣ, ମୋର ଦାୟିତ୍ୱ କଣ ଏବଂ ତା' ପାଇଁ କଣ କାମ କରିବା ଦରକାର, ଏହା ଉପରେ ଦୃଷ୍ଟି ଦେବାକୁ ହେବ ।






ସେ କହିଥିଲେ ଯେ, କଳା, ସଂସ୍କୃତିର ସହର ସମ୍ବଲପୁର ଏକ ବ୍ରାଣ୍ଡେଡ୍ ସହର । ଏଥିପାଇଁ ଏହାର ସବୁ ବିଷୟକୁ ଗୁରୁତ୍ୱ ଦେବାକୁ ପଡିବ । ଏଠାରେ ପ୍ରତିଭାମାନ ଯୁବଶକ୍ତି ଓ ଲୋକମାନେ ଅଛନ୍ତି । ତେଣୁ ଭବିଷ୍ୟତଗାମୀ ଦୃଷ୍ଟିକୋଣରେ ଆମେ ଜିଲ୍ଲାକୁ ଆଗକୁ ନେଇପାରିବା । ଏହା ହେଲେ ଆଗାମୀ ୫ ରୁ ୭ ବର୍ଷ ମଧରେ ସମ୍ବଲପୁର ଦେଶର ଶ୍ରେଷ୍ଠ ୫୦ ସହର ମଧରେ ଆଗରେ ରହିବ । ଏଥିପାଇଁ ଆଗାମୀ ଆଧୁନିକ ଦୁନିଆଁର ନୂଆ ବା ଆଧୁନିକ ଅର୍ଥନୀତି ସହ ସମ୍ବଲପୁରକୁ ଯୋଡିବା ପାଇଁ ପଡିବ । ସମ୍ବଲପୁରକୁ ଜ୍ଞାନ ଆଧାରିତ ଅର୍ଥନୀତିର ପେଣ୍ଡସ୍ଥଳୀ କରିବା ପାଇଁ ହେବ । ଆଗାମୀ ଦିନରେ ପରିବର୍ତ୍ତିତ ଦୃଶ୍ୟପଟ୍ଟରେ ସମ୍ବଲପୁର ଏକ ଅଗ୍ରଣୀ ଅଞ୍ଚଳ ହେବ ବୋଲି କେନ୍ଦ୍ରମନ୍ତ୍ରୀ କହିଥିଲେ । ଭାରତ ବିକାଶ ପରିଷଦର ରାଜ୍ୟ ସଭାପତି ଡାକ୍ତର ପୁରୁଷୋତ୍ତମ ଅଗ୍ରୱାଲଙ୍କ ଅଧକ୍ଷତା ତଥା ଶ୍ରୀମତୀ ସୁପ୍ରୀତି ମିଶ୍ରଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଧାୟକ ଜୟନାରାୟଣ ମିଶ୍ର ମଧ ଉଦ୍‌ବୋଧନ ଦେଇଥିଲେ । ଏହାଛଡ଼ା ଆଇଆଇଏମ୍ ସମ୍ବଲପୁରର ନିର୍ଦ୍ଦେଶକ ପ୍ରଫେସର ମହାଦେବ ଜୟସ୍ୱାଲ, ଆଇଏମଏର ଜିଲ୍ଲା ସଭାପତି ଡାକ୍ତର ବିନୋଦ ନାଏକଙ୍କ ସମେତ ବିଭିନ୍ନ ଅନୁଷ୍ଠାନର ପ୍ରତିନିଧିମାନେ ଏହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ।

# ସମ୍ବଲପୁର କଂଗ୍ରେସ ପ୍ରାର୍ଥୀ ଦୁର୍ଗା ପାଢ଼ୀଙ୍କ ନିଆରା ପ୍ରଚାର





ସମ୍ବଲପୁର : ବିଜେପି-ବିଜେଡି ପ୍ରାର୍ଥୀଙ୍କ ଅର୍ଥବଳ ସହ ମୁଁ ଲଢ଼ିପାରିବି ନାହିଁ । ହେଲେ ଲୋକଙ୍କ ସମସ୍ୟାରେ ନିଜକୁ ସାମିଲ କରିପାରିବି । ପ୍ରଶାସନକୁ ଲୋକଙ୍କ ପାଖକୁ ନେଇ ଆସିବି । ପ୍ରତିଟି ଅସୁବିଧାରେ ପାଚେରୀ ଭଳି ଛିଡା ହେବି । ସମ୍ବଲପୁର ବିକାଶ ପାଇଁ ବିଧାନସଭା ଲଢ଼ିବି । କିନ୍ତୁ ଟଙ୍କା ଖର୍ଚ୍ଚ କରି ଭୋଟ୍ କିଣିପାରିବି ନାହିଁ । ସମ୍ବିଧାନର ସୁରକ୍ଷା ପାଇଁ ମୁଁ ବରା, ସିଙ୍ଗଡା ବିକି ଲୋକଙ୍କୁ ଭୋଟ୍ ଭିକ୍ଷା କରିଛି । ଏଭଳି ଏକ ନିଆରା ଢଙ୍ଗରେ ପ୍ରଚାର କରିଛନ୍ତି ସମ୍ବଲପୁର କଂଗ୍ରେସ ବିଧାନସଭା ପ୍ରାର୍ଥୀ ଦୁର୍ଗା ପାଢ଼ୀ ।

ସମ୍ବଲପୁର ସହରର ବିଭିନ୍ନ ସ୍ଥାନରେ ପ୍ରଚାର କରିବା ସହ ଚନ୍ଦନନଗରରେ ବରା, ସିଙ୍ଗଡା ବିକିଥିଲେ ଶ୍ରୀ ପାଢ଼ୀ । ବରା, ସିଙ୍ଗଡା କିଣି ତାଙ୍କୁ ସ୍ଥାନୀୟ ଲୋକ ସମର୍ଥନ ମଧ ଦେଇଥିଲେ । ସମ୍ବିଧାନର ସୁରକ୍ଷା ଓ ପ୍ରଧାନମନ୍ତ୍ରୀଙ୍କ ପକୁଡି ବିକି ରୋଜଗାର କରିବା ପ୍ରସଙ୍ଗକୁ ନେଇ ଏଭଳି ଅଭିନବ ପ୍ରତିବାଦ କରିଥିବା ଶ୍ରୀ ପାଢ଼ୀ କହିଛନ୍ତି । ଏହାସହ, ପ୍ରଧାନମନ୍ତ୍ରୀ ଯେଉଁଠି କହୁଛନ୍ତି, ପକୁଡି ବିକି ରୋଜଗାର ହୋଇପାରୁଛି । ପ୍ରଧାନମନ୍ତ୍ରୀ ଲୋକଙ୍କୁ ରୋଜଗାର ନ ଦେଇ ଯେଭଳି ଭାବେ ପକୁଡି ବିକି ରୋଜଗାର କରିବାକୁ କହିଛନ୍ତି, ତାକୁ ଆମେ ଦୃଢ଼ ବିରୋଧ କରୁଛୁ । ତେଣୁ ଏହାର ପ୍ରତିବାଦରେ ଏଭଳି ଅଭିନବ ଉପାୟରେ ଦଳୀୟ ପ୍ରଚାର କରିଛି । ସେହିଭଳି ଶ୍ରୀ ପାଢ଼ୀ କହିଛନ୍ତି, ଗତ ୨୪ ବର୍ଷ ହେଲା ଓଡ଼ିଶା ସହ ସମ୍ବଲପୁରରେ ବିକାଶ ବାଟବଣା ହୋଇଛି । ଲୋକ ନାହିଁ ନ ଥିବା ଦୁର୍ଦ୍ଦଶାରେ ରହୁଛନ୍ତି । ପାନୀୟ ଜଳ ନାହିଁ । ନାଳନର୍ଦ୍ଦମା ସଫା ହେଉନି । ରାସ୍ତା ଘାଟ ତିଆରି ହୋଇନି । ସ୍ୱଚ୍ଛତାର ଡିଣ୍ଡିମ୍ ପିଟୁଥିବା ରାଜ୍ୟ ଓ କେନ୍ଦ୍ର ସରକାର ଆଜି ପର୍ଯ୍ୟନ୍ତ ଲୋକଙ୍କୁ ପାଇଖାନାଟେ ଦେଇପାରିଲେ ନାହିଁ । ବିଜେପି ବିଧାୟକ ଓ ସାଂସଦ ବିଗତ ୫ ବର୍ଷ ଦେଖା ନ ଦେଇ ଆଉ ଥରେ ଭୋଟ ମାଗିବା ଅତି ଲଜ୍ଜ୍ୟାର କଥା । ଭୋଟ ମାଗିବା ବଦଳରେ ବିଜେପି ଓ ବିଜେଡି ପ୍ରାର୍ଥୀ ଉଭୟେ ଲୋକଙ୍କୁ କ୍ଷମା ମାଗନ୍ତୁ । ମଇଳା ପାଣି ବାଧ ହୋଇ ଲୋକେ ପିଉଛନ୍ତି । କଂଗ୍ରେସ କ୍ଷମତାକୁ ଆସିଲେ ସବୁ ସମସ୍ୟା ଶୀଘ୍ର ସମାଧାନ ହେବ । ବାବୁ ରାଜ୍ ଓ ଦଲାଲି ଖତମ ହେବ । ଜନତା ମତେ ଥରେ ସୁଯୋଗ ଦିଅନ୍ତୁ, ସବୁ ଅସୁବିଧାକୁ ଦୂର କରିବାକୁ ମୁଁ ସେମାନଙ୍କ ପାଇଁ ଲଢ଼ିବି ବୋଲି ଶ୍ରୀ ପାଢ଼ୀ କହିଛନ୍ତି । ଆଜି ବିଭିନ୍ନ ସ୍ଥାନରେ ହୋଇଥିବା କଂଗ୍ରେସ ପ୍ରଚାରରେ ଆଡଭୋକେଟ୍ ସୁରେନ୍ ମହାନ୍ତି, ଜୟରାମ ବଣିଆ, ଜସବୀର ସିଂହ, ମୋହନ ଶାହା, ସୁତପା ମିତ୍ର, ବିଜୟଲକ୍ଷ୍ମୀ ବେହେରା, ଜୁବେର, ସସ୍ମିତା ପଟ୍ଟନାୟକ, କାଳୁ ସ୍ୱାଇଁ, ମୁକତାର, ମହମ୍ମଦ ସଲିମ, ଅନୁପ ତରିଆ ପ୍ରମୁଖ ସାମିଲ ହୋଇଥିଲେ ।

# ସମ୍ବଲପୁରରେ ନିର୍ବାଚନୀ ବାତାବରଣ ସରଗରମ





ସମ୍ବଲପୁର : ଆସନ୍ତା ୨୫ ତାରିଖ ଦିନ ହେବାକୁ ଥିବା ସମ୍ବଲପୁର ଲୋକସଭା ନିର୍ବାଚନ ଓ ବିଧାନସଭା ନିର୍ବାଚନ ପାଇଁ ବିଭିନ୍ନ ଦଳ ପ୍ରାର୍ଥୀମାନଙ୍କ ପ୍ରଚାରରେ ରାଜନୈତିକ ବାତାବରଣ ସରଗରମ ହେବାରେ ଲାଗିଛି । ସମ୍ବଲପୁର ଲୋକସଭା ଆସନରେ ବିଜେପି ଓ ବିଜେଡିରୁ ଦୁଇ ହେଭି ୱେଟ୍ ପ୍ରାର୍ଥୀ ପ୍ରତିଦ୍ୱନ୍ଦିତା କରୁଥିବାରୁ ରାଜ୍ୟବାସୀଙ୍କ ନଜର ଏହି ଆସନ ଉପରେ ରହିଛି । ବିଜେପି ଓ ବିଜେଡି ପକ୍ଷରୁ ପ୍ରତ୍ୟହ ସାମ୍ବାଦିକ ସମ୍ମିଳନୀ ଓ ବାଇଟ୍ ଦିଆଯାଇ ପରସ୍ପରକୁ ପରସ୍ପର ଆକ୍ଷେପ କରିବାରେ ଲାଗିଛନ୍ତି । ଏହାଛଡ଼ା ପ୍ରାର୍ଥୀମାନେ ବିଭିନ୍ନ ପଡ଼ା ବୁଲି ସେମାନଙ୍କର ପ୍ରଚାର ଜୋରସୋର୍‌ରେ ଚଲାଇଛନ୍ତି । ଏଥିପାଇଁ ଉଭୟ ଦଳ ପକ୍ଷରୁ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ନିଜ ଖର୍ଚ୍ଚରେ ସଭାସମିତିମାନ ଆୟୋଜନ କରାଯାଇ ଭୋଟ୍‌ରମାନଙ୍କୁ ଆକୃଷ୍ଟ କରିବା ପାଇଁ ଉଦ୍ୟମ ଜାରି ରହିଛି । ଲୋକମାନଙ୍କୁ ପଇସା ଦେଇ ଜମାକରି ମିଶ୍ରଣ ପର୍ବମାନ ଆୟୋଜନ କରାଯାଉଛି । ମୋଟାମୋଟି କହିବାକୁ ଗଲେ ସମ୍ବଲପୁରରେ ମୁଖ୍ୟତଃ ବିଜେପି ଓ ବିଜେଡିର ବ୍ୟୟ ବହୁଳ ପ୍ରଚାର ଦେଖି ଲୋକେ ଏଠାରେ ପଇସା ଉଡୁଥିବାର ଚର୍ଚ୍ଚା କରୁଛନ୍ତି । ସେହିପରି ବିଧାନସଭା ଆସନ ପାଇଁ ମଧ ପ୍ରଚାର ସରଗରମ ହେଉଛି । ଏହି ଆସନ ପାଇଁ ବିଜେପି ପକ୍ଷରୁ ବିରୋଧୀ ଦଳର ନେତା ତଥା ସମ୍ବଲପୁର ବିଧାନସଭା ନିର୍ବାଚନ ମଣ୍ଡଳୀରୁ ତିନିଥର ଜିତିଥିବା ଜୟନାରାୟଣ ମିଶ୍ର, ଶାସକ ବିଜେଡି ଦଳ ପକ୍ଷରୁ ପୂର୍ବତନ ମନ୍ତ୍ରୀ ରୋହିତ ପୁଜାରୀ ଲଢୁଥିବା ବେଳେ ସେମାନଙ୍କ ବିରୋଧରେ ସମାଜସେବୀ ଦୁର୍ଗା ପାଢ଼ୀ ପ୍ରଥମ ଥର ପାଇଁ ନିର୍ବାଚନ ଲଢୁଛନ୍ତି । ତିନିଜଣ ପ୍ରାର୍ଥୀ ଘମାଘୋଟ ପ୍ରଚାର ଚଲାଇ ଭୋଟରମାନଙ୍କୁ ସେମାନଙ୍କ ପକ୍ଷକୁ ଆଣିବା ପାଇଁ ଉଦ୍ୟମ ଜାରି ରଖିଛନ୍ତି ।

## ବିଜେପିରୁ ଇସ୍ତଫା ଦେଇ ବିଜେଡିରେ ମିଶିଲେ ପୂର୍ବତନ ବିଧାୟିକା ରାଧାରାଣୀ ପଣ୍ଡା

ଝାରସୁଗୁଡ଼ା: ବିଜେପିର ପୂର୍ବତନ ଝାରସୁଗୁଡ଼ା ଜିଲ୍ଲା ସଭାପତି ତଥା ବ୍ରଜରାଜନଗରର ପୂର୍ବତନ ବିଧାୟିକା ରାଧାରାଣୀ ପଣ୍ଡା ବିଜେପିର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଛନ୍ତି । ନିର୍ବାଚନକୁ ହାତଗଣତି କେଇଦିନ ରହିଥିବା ବେଳେ ରାଧାରାଣୀଙ୍କ ଭଳି ଜଣେ ବରିଷ୍ଠ ନେତ୍ରୀ ବିଜେପି ଛାଡ଼ିବା ଦଳକୁ ଶକ୍ତ ଆଘାତ ଲାଗିଛି । ଶ୍ରୀମତୀ ପଣ୍ଡା ବିଜେଡ଼ି ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କ ନିକଟରେ ବିଜୁ ଜନତା ଦଳରେ ଯୋଗ ଦେଇଛନ୍ତି । ଗତ ଉପ ନିର୍ବାଚନରେ ବିଜେପିରୁ ରାଧାରାଣୀ ପଣ୍ଡା ପ୍ରତିଦ୍ୱନ୍ଦ୍ୱିତା କରିଥିଲେ । ଚଳିତ ସାଧାରଣ ନିର୍ବାଚନରେ ବିଜେପି ତାଙ୍କ ବଦଳରେ ପୂର୍ବତନ ସାଂସଦ ସୁରେଶ ପୂଜାରୀଙ୍କୁ ଟିକଟ ଦେଇଥିଲା । ରାଧାରାଣୀ ପଣ୍ଡା ବିଗତ ୩୫ ବର୍ଷ ଧରି ବ୍ରଜରାଜନଗର ନିର୍ବାଚନମଣ୍ଡଳୀରୁ ରାଜନୀତି କରିଆସୁଥିବା



ବେଳେ ଭାରତୀୟ ଜନତା ପାର୍ଟି ତାଙ୍କୁ ଅଣଦେଖା କରିଥିବା ଅଭିଯୋଗ କରିଛନ୍ତି । ସେ ସବୁବେଳେ କହିଆସୁଛନ୍ତି ଯେ ୨୦୧୯ ମସିହାରେ କୁଚକ୍ରାନ୍ତ କରି ହରେଇ ଦିଆଯାଇଥିଲା । ଏହି ଚକ୍ରାନ୍ତ ସୁରେଶ ପୂଜାରୀ କରିଥିଲେ ବୋଲି ସବୁବେଳେ ରାଧାରାଣୀ ଅଭିଯୋଗ କରି ଆସୁଛନ୍ତି । ବିଜେପି ଛାଡ଼ିବା ନେଇ ରାଧାରାଣୀ ପୂର୍ବରୁ ମଧ ସଙ୍କେତ ଦେଇ ଆସିଥିଲେ । ସୁରେଶ ପୂଜାରୀ ସାଂସଦ ହେବାପରେ ମୋର କାର୍ଯ୍ୟକର୍ତ୍ତାମାନଙ୍କୁ ଅବହେଳା କଲେ, ଗାଳି ଦେଇଥିବାରୁ ସେମାନେ ଅପମାନିତ ହେଲେ । ସେମାନେ ଏହି ସୁଯୋଗକୁ ଅପେକ୍ଷା କରିଥିଲେ ଆଉ ସେମାନେ ମଧ ନିଷ୍ପତି ନେଇ ସାରିଛନ୍ତି ବୋଲି ରାଧାରାଣୀ କହିଛନ୍ତି ।

ଏଠାରେ ସୂଚନାଯୋଗ୍ୟ ଯେ, ରାଧାରାଣୀ ୨୦୧୪ ମସିହାରେ ବିଜେପି ଟିକଟରେ ବ୍ରଜରାଜନଗରରୁ ବିଧାୟିକା ଭାବେ ନିର୍ବାଚିତ ହୋଇଥିଲେ । ୨୦୧୪ ମସିହାରେ ପ୍ରଥମ ଥର ପାଇଁ ବିଜେପି ଏହି ଗଡ଼ ଦଖଲ କରିଥିଲା । ଏହାପରେ ୨୦୧୯ ନିର୍ବାଚନ ଓ ୨୦୨୨ ଉପନିର୍ବାଚନରେ ସେ ଯଥାକ୍ରମେ କିଶୋର ମହାନ୍ତି ଓ ଅଳକା ମହାନ୍ତିଙ୍କ ଠାରୁ ପରାଜିତ ହୋଇଥିଲେ । ୨୦୧୯ ନିର୍ବାଚନରେ ଶ୍ରୀମତୀ ପଣ୍ଡାଙ୍କ ନେତୃତ୍ୱରେ ବିଜେପିର ଭୋଟ୍ ହାର ୧୪ ପ୍ରତିଶତ ବଢ଼ିଥିଲେ ହେଁ ଦଳ ଦ୍ୱିତୀୟ ସ୍ଥାନରେ ରହିଥିଲା । ଏପରିକି ୨୦୦୯ ମସିହାରେ ରାଧାରାଣୀ ବରଗଡ଼ ବିଜେପି ଲୋକସଭା ପ୍ରାର୍ଥୀ ଭାବେ ନିର୍ବାଚନ ଲଢ଼ି ପରାଜିତ ହୋଇଥିଲେ । କିନ୍ତୁ ସ୍ୱାସ୍ଥ୍ୟଗତ କାରଣ ଯୋଗୁଁ ବହୁଦିନ ଧରି ସକ୍ରିୟ ନ ରହିବାରୁ ଶ୍ରୀମତୀ ପଣ୍ଡା ୨୦୨୨ ଉପନିର୍ବାଚନରେ ତୃତୀୟ ସ୍ଥାନକୁ ଖସି ଆସିଥିଲେ । କିନ୍ତୁ ବ୍ରଜରାଜନଗର ନିର୍ବାଚନ ମଣ୍ଡଳୀରେ ଏବେ ବି ଶ୍ରୀମତୀ ପଣ୍ଡାଙ୍କର ପକେଟ୍ ଭୋଟ୍ ରହିଛି । ଏବେ ସେ ବିଜେଡିରେ ଯୋଗଦେବା ପରେ ଅଳକା ମହାନ୍ତିଙ୍କ ଶିବିର ପୂର୍ବାପେକ୍ଷା ମଜବୁତ ହୋଇଛି ।

Printed, Published and Owned by Hemanta Kumar Mahapatra, Printed at Impressions Press, Sambalpur, Office Phone: 0663- 2950945
e-mail: hemantamahapatra@yahoo.com Editor : Hemanta Kumar Mahapatra